

ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ମଦ ଜବତ,ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା,୧୩।୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚଢ଼ାଉକରି ବେଆଇନ ମଦ କାରବାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଜଟାଧାରୀ ମଲିକ। ଗିରଫ ବେଳେ ତାଙ୍କ ନିକଟରୁ ୨୦ଲିଟର ବିଦେଶୀ ମଦ ଜବତ କରିଛି। ଏ ନେଇ ଶିନିବାର ଏକ ମାମଲା (୧୭୨/୧୯) ରୁଜୁକରି ଜଟାଧାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲି ସୂଚନା ଦେଇଛି। ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

### ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ ମାର୍କ ପ୍ରକାଶିତ

**ଧର୍ମଶାଳା,୧୩।୭(ଡି.ଏନ୍.ଏ.):** ଯୁକ୍ତ ୨ କଲେଜଗୁଡିକରେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖା ପାଇଁ ଶନିବାର କଟ୍‌ଅଫ ମାର୍କ ପ୍ରକାଶ ପାଇଛି। ଏନେଇ ଛାତ୍ରୀଛାତ୍ର ଆସନ୍ତା ୧୫ ତାରିଖରୁ ୧୭ ତାରିଖ ମଧ୍ୟରେ ନାମଲେଖାଇବେ। ଯେଉଁ କଲେଜଗୁଡିକରେ ସିଟ୍ ବଳକା ରହିବ ୨୦ ତାରିଖରେ ସ୍ୱଟ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୨୫ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ ଏବଂ ଆସନ୍ତା ୨୯ ତାରିଖରେ ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଧର୍ମଶାଳା ବ୍ଲକରେ ଥିବା ୬ଟି ଜୁନିଅର କଲେଜରେ କଳାରେ ୧୩୬ଟି, ବିଜ୍ଞାନରେ ୧୧୬ଟି ଓ ବାଣିଜ୍ୟରେ ୨୩ ସିଟ ଖାଲି ରହିଛି। ଧର୍ମଶାଳା କଲେଜରେ କଳାରେ ୧୮ ସିଟ୍ ଖାଲିଥିବାବେଳେ ସାଧାରଣ ବର୍ଗ ପାଇଁ କଟ୍ ଅଫ୍ ମାର୍କ ୫୪.୩୩ ଓ ଏସ୍‌ସି ପାଇଁ ୩୯.୬୭ ମାର୍କ ରଖାଯାଇଛି। ସେହିପରି ବିଜ୍ଞାନରେ ୧୮ଟି ପାଇଁ ସଧାରଣବର୍ଗ ପାଇଁ ୫୨.୩୩ କଟ ଅଫ୍ ମାର୍କ ରହିଛି। ବାଣିଜ୍ୟରେ ୨୩ ସିଟ୍ ଖାଲିଥିବା ବେଳେ ସାଧାରଣବର୍ଗ ପାଇଁ ୫୬.୦୦ ଭାଗ ରଖାଯାଇଛି। କୋତପୁରସ୍ଥିତ ବଜ୍ରଗିରି କଲେଜରେ କଳାରେ ୩୮ ସିଟ୍‌ରେ ସାଧାରଣବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୩୮.୬୭ ପ୍ରତିଶତ ଓ ଏସ୍‌ସି ପାଇଁ ୩୩.୫୦ ପ୍ରତିତ ରହିଛି। ଏହି କଲେଜରେ ବିଜ୍ଞାନରେ ୫ ସିଟ୍ ବଳକାଥିବା ବେଳେ ସାଧାରଣ ବର୍ଗ ପାଇଁ ୫୧.୬୭ ମାର୍କ ରଖାଯାଇଛି। ଧର୍ମଶାଳା ମହିଳା କଲେଜରେ କଳାରେ ୧୨ସିଟ୍ ପାଇଁ ସାଧାରଣ ବର୍ଗରେ ୪୩.୬୭ ଓ ଏସ୍‌ସି ପାଇଁ ୩୩ ପ୍ରତିଶତ, ଜେନାପୁର କଲେଜରେ କଳାରେ ୨୨ଟି ସିଟ ପାଇଁ ସାଧାରଣ ବର୍ଗରେ ୩୪.୬୭ ପ୍ରତିଶତ, ବଳରାମପୁରଗଡସ୍ଥିତ ମୁକୁନ୍ଦପାତ୍ର କଲେଜରେ କଳାରେ ୨୨ଟି ସିଟ୍ ପାଇଁ ସାଧାରଣ ବର୍ଗରେ ୩୫ ପ୍ରତିଶତ ମାର୍କ ରଖାଯାଇଛି। ଏହି କଲେଜର ବିଜ୍ଞାନରେ ୫୧ଟି ସିଟ ଖାଲିଥିବା ବେଳେ ସାଧାରଣ ବର୍ଗ ପାଇଁ ୫୬.୮୫ ଭାଗ ମାର୍କ ରଖାଯାଇଛି। ଚଢେଧରାସ୍ଥିତ ଜଗନ୍ନାଥଜୀଉ କଲେଜରେ କଳାରେ ୩୨ଟି ଖାଲିଥିବା ବେଳେ ସାଧାରଣ ବର୍ଗ ପାଇଁ ୩୪.୩୩ ଭାଗ ରଖାଯାଇଥିବା ଅଧକ୍ଷମାନେ ସୂଚନା ଦେଇଛନ୍ତି।

## ଏନ୍‌ଏଚ୍‌ଆର୍‌ସିରେ ଅଧ୍ୟାପିକାଙ୍କୁ ହଇରାଣ ମାମଲା

# ୧୫ରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ତଦନ୍ତ

**ଯାଜପୁର ଅଫିସ,୧୩।୭**

ଯାଜପୁର ଜିଲାର ଅନ୍ୟତମ ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ପ୍ରାଣୀ ବିଜ୍ଞାନ ବିଭାଗର ଜଣେ ଅଧ୍ୟାପିକା ଓ ପୂର୍ବତନ ଅଧ୍ୟକ୍ଷଙ୍କ ମଧ୍ୟରେ ବିବାଦ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପର୍ଯ୍ୟନ୍ତ ପହଞ୍ଚିଛି। ସ୍ଥାନୀୟ ଅଭିଯୋଗ କମିଟିରେ ବିବାଦର ସମାଧାନ ହୋଇ ନ ପାରିବାରୁ ଅଧ୍ୟାପିକା ପୁନ୍‌ପୁନ ଦାସ ଶେଷରେ ଏନ୍‌ଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଛନ୍ତି। ଏନ୍‌ଏଚ୍‌ଆର୍‌ସିରେ ଏ ନେଇ ୧୫୪୪/୧୮/୨୪/୨୦୧୯ରେ ଏକ ମାମଲା ରୁଜୁ ହୋଇଛି। ଏହାପରେ ଏନ୍‌ଏଚ୍‌ଆର୍‌ସିର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର(ଆଇନ) ରାଜ୍ୟ ଶିକ୍ଷା ବିଭାଗକୁ ନୋଟିସ କରିବା ପରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଉପସଚିବ ପ୍ରାଣବନ୍ଧୁ ରାଉତ ତାଙ୍କ ପତ୍ରସଂଖ୍ୟା ୧୩୮୦୩/୯।୭।୨୦୧୯ରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଆସନ୍ତା ୧୫ ତାରିଖ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର ତାଙ୍କ ପତ୍ରସଂଖ୍ୟା ୫୫୯୮/୧୦।୭।୨୦୧୯ରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷଙ୍କୁ ତଦନ୍ତ ଉପରେ ସୂଚିତ କରି ଆବଶ୍ୟକ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ କରିବାକୁ ଆସନ୍ତା ୧୫ ତାରିଖ ପୂର୍ବାହ୍ନ ସାଢେ ୧୧ଟାରେ ବିଭାଗୀୟ ଉପନିର୍ଦ୍ଦେଶକ ଦ୍ୱୟ ଡ. ଗଙ୍ଗାଧର ନାୟକ ଓ ଡ. ସବିତା ହରିଚନ୍ଦନଙ୍କ ଦ୍ୱାରା ତଦନ୍ତ କରାଯିବ ବୋଲି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଏହି ମାମଲା ଜିଲାସାରା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ବ୍ୟାସନଗର ସ୍ୱୟଂଶାସିତ କଲେଜର ଜୁଲୋଜି ବିଭାଗର ଅଧ୍ୟାପିକା ଦାସ ପୂର୍ବରୁ ମହିଳାଙ୍କ କାର୍ଯ୍ୟସ୍ଥଳରେ ସେକ୍ସୁଆଲ ହାରାସମେଣ୍ଟ (ପ୍ରିଭେନସନ, ପ୍ରୋହିବିସନ ଓ ରିଡ୍ରେସାଲ) ଆକ୍ଟ-୨୦୧୩ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ତାଙ୍କ ପତ୍ରସଂଖ୍ୟା

**ବ୍ୟାସନଗର ସ୍ୱୟଂଶାସିତ କଲେଜ**

୯୪୧୧/୨୯।୪।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଲୋକାଲ କମ୍ପ୍ଲେନ କମିଟିରେ ସ୍ଥାନିତ କରିବାକୁ ଅନୁରୋଧ କରିଥିଲେ। ଏଥିରେ ଅଧ୍ୟାପିକା ଦାସଙ୍କୁ ନ୍ୟାୟ ନ ମିଳିବାରୁ ସେ ଏନ୍‌ଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଥିଲେ। ତେବେ ଏନ୍‌ଏଚ୍‌ଆରସିରେ କରିଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ସେ ୧୨।୫।୧୯୯୯ରୁ ଜୁଲୋଜି ବିଭାଗର ଅଧ୍ୟାପିକା ଭାବେ କାର୍ଯ୍ୟ କରୁଛନ୍ତି। କଲେଜର ପୂର୍ବତନ ଅଧ୍ୟକ୍ଷ ହେମନ୍ତ କୁମାର ରାଉତ ତାଙ୍କୁ ଜଣେ ମହିଳା କର୍ମଚାରୀ ଭାବରେ ପକ୍ଷପାତ ଓ କ୍ଷମତାବାହାରେ ବାରମ୍ବାର ହଇରାଣ କରିଛନ୍ତି । ଫଳରେ ସେ ମାନସିକ ଓ ଶାରିରୀକ ଭାବେ ଯନ୍ତ୍ରଣା ପାଇଛନ୍ତି । ଗତ ୨୯।୬।୨୦୧୬ରେ ଦେଢବର୍ଷ ପାଇଁ ରାଜ୍ୟ ସରକାରଙ୍କ ଅଧ୍ୟୟନ ଛୁଟି ପାଇଥିଲେ। ଏହି ସମୟରେ ରେଭେନ୍ସା କଲେଜରେ ପିଏଚ୍‌ଡି ଡିଗ୍ରୀ ଲାଭ କରିଥିଲେ। ଏହାପରେ ସେ ବରିଷ୍ଠ ଅଧ୍ୟାପିକା (ଲେକ୍ଚରର ଗ୍ରେଡ-ଏ)କୁ ଉନ୍ନୀତ ହୋଇଥିଲେ। କିନ୍ତୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପାଇବାକୁ ତାଙ୍କୁ ବଞ୍ଚିତ କରାଯାଇଥିଲା। ତାଙ୍କର ପଦବୀ ଉନ୍ନୀତ ଓ ଦରମା ବୃଦ୍ଧି ସଂକ୍ରାନ୍ତୀୟ କାଗଜପତ୍ର ଜାଣିଶୁଣି ଶିକ୍ଷା ନିର୍ଦ୍ଦେଶାଳୟକୁ ପଠାଯାଇ ନଥିଲା। ଯାହାକି ତାଙ୍କ ପାଇଁ ଏକ ବଡ କ୍ଷତି ହୋଇଥିଲା ବୋଲି ଅଧ୍ୟାପିକା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ସେ ଯେତେବେଳେ ପିଏଚ୍‌ଡି ଶିକ୍ଷା ପାଇଁ ବ୍ୟସ୍ତ ରହିଥିଲେ ସେତେବେଳେ କେତେଜଣ ଛାତ୍ରୀଛାତ୍ରଙ୍କ ଜରିଆରେ ତାଙ୍କ ବିରୋଧରେ କେତେକ ଅଭିଯୋଗ ଅଣାଯାଇଥିଲା। ହେଲେ ସେହି ଅଭିଯୋଗ ପତ୍ର ସେ ମାଗିଥିଲେ ହେଁ ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ଏଭଳି ଭାବେ ବିଭିନ୍ନ ମାଧ୍ୟମରେ ତାଙ୍କୁ ଅଧ୍ୟକ୍ଷ ରାଉତ ହଇରାଣ ହରକତ କରିଥିଲେ। ଏନେଇ ସେ କଲେଜର ଗଭର୍ଣ୍ଣିଂ ବଡିରେ ମଧ୍ୟ ନ୍ୟାୟ ଭିକ୍ଷା କରିଥିଲେ। ଗଭର୍ଣ୍ଣିଂବଡିର ଅଧ୍ୟକ୍ଷ କୋରେଇ ବିଧାୟକ ସେତେବେଳେ କଲେଜର ଅଧ୍ୟକ୍ଷଙ୍କୁ କାଗଜପତ୍ର ପଠାଇବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଅଧ୍ୟକ୍ଷ ଗଭର୍ଣ୍ଣିଂବଡିର ରିଜୋଲେଶନକୁ ଉଲ୍ଲଂଘନ କରି କାଗଜପତ୍ର ନିର୍ଦ୍ଦେଶାଳୟକୁ ପଠାଇ ନଥିଲେ । ଏହିସବୁ ଅବହେଳା ଉପରେ ଅଧ୍ୟାପିକା ଦାସ ମାନବାଧିକାର କମିଶନର ଦ୍ୱାରସ୍ଥ ହେବା ପରେ ଏବେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ କଲେଜର ବର୍ତ୍ତମାନ ଅଧ୍ୟକ୍ଷ ଥିବା ମେଜର ଡ. ଅବୁ ତାହେରଙ୍କୁ ପଚାରିବାରେ, ପୂର୍ବତନ ଅଧ୍ୟକ୍ଷ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ଏନେଇ ଆସନ୍ତା ୧୫ରେ ଆଞ୍ଚଳିକ ନିର୍ଦ୍ଦେଶାଳୟର ଏକ ଦୁଇଜଣିଆ ଟିମ୍ ତଦନ୍ତ କରିବେ। କଲେଜ ପକ୍ଷରୁ ତଦନ୍ତରେ ଆବଶ୍ୟକ ସହଯୋଗ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଏ ସମ୍ପର୍କରେ ପୂର୍ବତନ ଅଧ୍ୟକ୍ଷ ହେମନ୍ତ କୁମାର ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।

### ହାଇୱା ଧକ୍କାରେ ଜଣେ ମୃତ

**ଜେନାପୁର,୧୩।୭(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ବାଘୁଆ ବିଛାଖଣ୍ଡି ଗ୍ରାମ୍ୟ ଉନ୍ନୟମ ରାସ୍ତା କୁସୁନପୁଠାରେ ହାଇୱା ଧକ୍କାରେ ଶନିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାଲେଶ୍ୱର ଜିଲାର ବେଣୁଧର ପ୍ରଧାନ(୫୦) ସ୍ଥାନୀୟ ଅଞ୍ଚଳରେ ବଣୁଆଭାବେ ପରିଚିତ। ସେ ଏଠାରେ ୬ରୁ ୭ ମାସ ହେବ ଏକ କ୍ରଶରରେ ରହି କାମ କରୁଥିଲେ। ସନ୍ଧ୍ୟା ସମୟରେ ବସାକୁ ଫେରୁଥିବା ସମୟରେ ବିଛାଖଣ୍ଡିରୁ ବାଘୁଆ ଅଭିମୁଖେ ଆସୁଥିବା ଏକ ମାଲ ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମନୋରଞ୍ଜନ ଦାସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛନ୍ତି। ତେବେ ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ଡ୍ରାଇଭରକୁ ଧରିବା ନେଇ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା।

## ୪ ଆନ୍ତଃରାଜ୍ୟ ଡକାୟତ ସହ ସୁନା ବ୍ୟବସାୟୀ ଗିରଫ

**୭ ଲକ୍ଷ ଟଙ୍କାର ଗହଣା, ମାଉଜର, ଜୀବନ୍ତ ଗୁଳି, ୫ ମୋବାଇଲ ଫୋନ ଜବତ**

**ବିଞ୍ଝାରପୁର/ଯାଜପୁରଟାଉନ/ସିଂହପୁର,୧୩।୭(ଡି.ଏନ୍.ଏ.)**



ଗିରଫ ହୋଇଥିବା ଅଭିଯୁକ୍ତ।

ବିଞ୍ଝାରପୁର ଥାନା ଅଞ୍ଚଳରେ ବିଭିନ୍ନ ଚୋରି, ଡକାୟତି ଘଟଣାରେ ସମ୍ପୃକ୍ତ ୪ ଆନ୍ତଃରାଜ୍ୟ ଡକାୟତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୭ଲକ୍ଷ ଟଙ୍କାର ଗହଣା, ୩ ଶହ ଗ୍ରାମ ରୁପା, ଏକ ମାଉଜର, ୨ ବାଇକ୍, ଜୀବନ୍ତ ଗୁଳି, ଛୁରୀ, କାର୍ତ୍ତୀ ଓ ୫ ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଙ୍ଗଳପୁର ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ବିଶ୍ୱଜିତ୍ ଦାସ, ଦୁଦୁରାଅଣ୍ଟା ଅଞ୍ଚଳର ଭିମସେନ ଦାସ, ଜଗତସିଂହପୁର ଜିଲା ପାରାଦୀପ ଅଞ୍ଚଳର ସୁନାକାନ୍ତ ବେହେରା ଓ ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ବଂଶୀପୁର ଗ୍ରାମର ସମୀର କୁମାର ନାୟକ। ଏମାନେ ଶୁକ୍ରବାର ସିଂହପୁର ନିକଟବର୍ତ୍ତି ଗୋବିନ୍ଦପୁର ପୋଲ ନିଟରେ ଲୁଟ୍ ଯୋଜନା କରୁଥିବାବେଳେ ଚଢ଼ାଉ କରାଯାଇ ଗିରଫ କରାଯାଇଥିବା ଶନିବାର ଯାଜପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀଅଧୀକ୍ଷକ ଚରଣ ସିଂହ ମୀନା ସୂଚନା ଦେଇଛନ୍ତି। ତଦନ୍ତ ବେଳେ ଲୁଟ୍ କରିଥିବା ସୁନା ଅଳଙ୍କାରକୁ ସେମାନେ ଭୁବନେଶ୍ୱର ରସୁଲଗଡ ଅଞ୍ଚଳର ବିପିନ ପୃଷ୍ଟିଙ୍କ ଗହଣା ଦୋକାନରେ ବିକ୍ରି କରିଥିବା ସ୍ୱିକାର କରିଥିଲେ । ଏହି ଘଟଣାରେ ବିପିନଙ୍କୁ ମଧ୍ୟ ଗିରଫ କରାଯାଇଛି। ବିଞ୍ଝାରପୁର ଥାନାରେ ଏକ ମାମଲା (ନଂ ୧୫୪/୧୯) ରୁଜୁ କରାଯାଇ ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସେ କହିଛନ୍ତି।

ପ୍ରକାଶ ଯେ, ଜୁଲାଇ ୨ ତାରିଖରେ ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ଘର ଝରକା ତାଡି ୫ ଜଣ ଦୁର୍ବୃତ୍ତ ଘରେ ପଶିଥିଲେ। ଘରର ସମସ୍ତ ମହିଳାଙ୍କୁ ଆକ୍ରମଣ କରିବା ସହିତ ସେମାନଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଓ ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ଜିନିଷ ଲୁଟ୍ କରିଥିଲେ। ସେହିପରି ଫେବୃୟାରୀରେ ଖରସ୍ରୋତା ମହାବିଦ୍ୟାଳୟର ଅବସରର ପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ଓଝାଙ୍କ ଘରେ ମଧ୍ୟ ଲୁଟ୍ ହୋଇଥିଲା। ଲୁଟେରାମାନେ ପରିବାର ବର୍ଗଙ୍କୁ ବାନ୍ଧି ନିସ୍ତୁକ ମାଡ଼ ମାରି ଘରର ସମସ୍ତ ଅଳଙ୍କା ଓ ଟଙ୍କା ଲୁଟି ନେଇଥିବା ଥନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇଥିବାବେଳେ ଶୁକ୍ରବାର ସିଂହପୁର ନିକଟବର୍ତ୍ତି ଗୋବିନ୍ଦପୁର ପୋଲ ନିଟରେ କେତେଜଣ ଲୁଟେରା ଦଳ ଏକତ୍ରିତ ହୋଇଥିବା ଏସ୍‌ପି କୌଣସି ସୂତ୍ରରୁ ଖବର ପାଇଥିଲେ। ଏସ୍‌ପି ଘଟଣାସ୍ଥଳରେ ତୁରନ୍ତ ଚଢ଼ାଉ କରିବା ପାଇଁ ଯାଜପୁର ଏସ୍‌ଡିପିଓ, ବିଞ୍ଝାରପୁର ଥାନା ଆଇଆଇସି ପ୍ରମୁଖଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ସଙ୍ଗେସଙ୍ଗେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ବେଳେ ଏମାନେ ବିଞ୍ଝାରପୁର ଅଞ୍ଚଳରେ ହୋଇଥିବା ବିଭିନ୍ନ ଡକାୟତିରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଏଥିସହ ଲୁଟ୍ ପରେ ସୁନା ଅଳଙ୍କାରଗୁଡିକୁ ରସୁଲଗଡ ଅଞ୍ଚଳର ବିପିନଙ୍କ ଗହଣା ଦୋକାନରେ ବିକ୍ରି କରିଥିବା କହିଥିଲେ। ଏହାପରେ ପୋଲିସର ସ୍ୱତନ୍ତ୍ର ୩ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ବିପିନିଙ୍କ ଘରୁ ଲୁଟ୍ ହୋଇଥିବା ସୁନା ଅଳଙ୍କାର ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ଚଣ୍ଡିଖୋଲ କୋର୍ଟରେ ଜାତୀୟ ଲୋକ ଅଦାଲତ

**ଚଣ୍ଡିଖୋଲ,୧୩।୭(ଡି.ଏନ.ଏ.)**

ଚଣ୍ଡିଖୋଲ ସବଜଜ୍ କୋର୍ଟ ପରିସରରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬୫ ମକଦ୍ଦମା ବିଚାର ପାଇଁ ନିଆଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଫୌଜଦାରୀ, ୨ଟି ପାରିବାରିକ ହିଂସା, ୧୬ଟି ଚେକ ବାଉନ୍ସ, ୪ଟି ଦେୱାନି ସଂକ୍ରାନ୍ତୀୟ ଓ ୭୭ଟି ବ୍ୟାଙ୍କ ଦେଣନେଣ ସଂକ୍ରାନ୍ତୀୟ ମାମଲା ବିଚାର କରାଯାଇ ସମାଧାନ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ବକେୟା ଋଣ ଆଦାୟ ସଂକ୍ରାନ୍ତୀୟ ମାମଲାଗୁଡ଼ିକ ବିଚାର କରାଯାଇ ୮ ଲକ୍ଷ ୧୬ ହଜାର ଟଙ୍କା ଆଦାୟ କରାଯାଇଥିଲା। ବିଚାରପତି ସବଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଓ ଜେଏମ୍‌ଏଫ୍‌ସି ଇପସିତା ମହାନ୍ତିଙ୍କ ଇଜଲାସରେ ମକଦ୍ଦମାଗୁଡ଼ିକ ବିଚାର କରାଯାଇ ଫଇସଲା କରାଯାଇଥିଲା। ସ୍ଥାନୀୟ ବାର୍ ଆସୋସିଏଶନ ସଭାପତି ଜନ ବେହେରା, ସମ୍ପାଦକ ଉଦୟନାଥ ସାହୁ, କୈଳାସ ଚନ୍ଦ୍ର ସାମଲ, ଗୋଲକ ବିହାରୀ ମହାନ୍ତି, ଦେବରାଜ ବେହେରା, ପ୍ରତାପ କୁମାର ଦାସ, ଅଶୋକ ନାଥ ଶର୍ମା, ପ୍ରକାଶ ଚନ୍ଦ୍ର ଦାସ, ପବିତ୍ର କର, ଶରତ ଚନ୍ଦ୍ର ବଳ, ନିରଞ୍ଜନ ସାମଲ ଓ ସୁବ୍ରତ କୁମାର ସ୍ୱାଇଁ ପ୍ରମୁଖ ବିଚାର କାର୍ଯ୍ୟରେ ସହାୟତା କରିଥିଲେ।

## ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ ନେଇ ଜିଲାପାଳଙ୍କୁ ଦାବିପତ୍ର

**କାଳିଆପାଣି,୧୩।୭(ଡି.ଏନ୍.ଏ.)**

ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନକୁ ନେଇ ଦିନକୁ ଦିନ ବିବାଦ ତେଜିବାରେ ଲାଗିଛି। ପରିବହନକୁ ନେଇ ଅସନ୍ତୁଷ୍ଟ ରହିଥିବା କୁହିକା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ ପାଇଁ ଚେତାବନୀ ଦିଆଯାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ସମାଧାନ ପାଇଁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସମୟ ନିଆଯାଇଛି। ସେ ପର୍ଯ୍ୟନ୍ତ ପୋଲିସ ପ୍ରଶାସନ ୧୦,୧୨,୧୪ ଚକିଆ ଟ୍ରକ୍‌ଗୁଡ଼ିକୁ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ପଦ୍ଧତିରେ କାର୍ଯ୍ୟ କରିବାର ନିର୍ଦ୍ଦେଶ ରହିଥିଲା। ଏହାକୁ ନେଇ ବୁଧବାର ଖଣିରେ ପୋଲିସ ପକ୍ଷରୁ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରାଯାଇଥିଲା। କିନ୍ତୁ ମିନେରାଲ ଟ୍ରକ୍ ମାଲିକ ସଂଘ ଏଥିରେ ଅସହଯୋଗ କରି ପରିବହନ ବନ୍ଦ କରିଦେଇଥିଲା। ଫଳରେ ବହୁ ଟ୍ରକ୍ ମାଲିକମାନେ ଲୋଡିଂରୁ ବଞ୍ଚିତ ହୋଇଥିଲେ। ଏ ନେଇ ଟ୍ରକ୍ ମାଲିକମାନେ ପୋଲିସ ନିକଟରେ ଅଭିଯୋଗ କରିଥିଲେ । ହେଲେ କୌଣସି ସୁଫଳ ମିଳିପାରି ନ ଥିବାରୁ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

ଖଣିରେ କ୍ରୋମାଇଟ୍ ପରିବହନକୁ ନେଇ ୨୦୦୯ରେ ହାଇକୋର୍ଟ ଲେବର ବ୍ୟାଚ୍ ପ୍ରଥା ଉଚ୍ଛେଦ କରି ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରିଥିଲେ। ଏହି ଆଧାରରେ ଏବେ ୬ ଚକିଆ ଟ୍ରକ୍‌ଗୁଡ଼ିକୁ ଫାଷ୍ଟ କମ ଫାଷ୍ଟ ଲୋଡିଂ ନିୟମରେ

**ଆଇକାର୍ଡ ବ୍ୟବସ୍ଥାକୁ ନେଇ ତେଜୁଛି ବିବାଦ**

କ୍ରୋମାଇଟ ପରିବହନ କରାଯାଉଛି। କିନ୍ତୁ ୧୦,୧୨ ଓ ୧୪ ଚକିଆ ଟ୍ରକ୍ ଲୋଡ଼ିଂ ମିନେରାଲ ଟ୍ରକ ମାଲିକ ସଂଘ ଅଧୀନରେ ରହିଛି। ଏ ନେଇ କୁହିକାସ୍ଥିତ ଟ୍ରକ୍ ମାଲିକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସଂଖ୍ୟା ୧୪୬୭୪୨/୨୦୧୫ ଅନୁଯାୟୀ ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଅଦ୍ୟାବଧି ଲାଗୁ ହୋଇ ନ ଥିବା କୁହିକା ଟ୍ରକ୍ ମାଲିକ ସଂଘ ହାଇକୋର୍ଟରେ ଅଭିଯୋଗ କରିଛି। ଏଥିରେ ଜିଲା ପ୍ରଶାସନ ପକ୍ଷରୁ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଖଣି ଅଞ୍ଚଳରେ ଚାଲିଥିବା ନେଇ ଏକ ମିଥ୍ୟା ସତ୍ୟପାଠ ଦାଖଲ ହୋଇଥିବା ନେଇ ମଧ୍ୟ ଉଲ୍ଲେଖ ରହିଛି। ଏଥିସହ ପୋଲିସ ପ୍ରଶାସନ ଗତ ବୁଧବାର ସମସ୍ତ ପ୍ରକାର ଟ୍ରକ୍‌ଗୁଡ଼ିକରେ ଏହି ନିୟମ ଲାଗୁ କରିଥିଲା। କିନ୍ତୁ ସୁକିନ୍ଦା ମିନେରାଲ ଆସୋସିଏସନ ଗୁରୁବାର ପରିବହନକୁ ବନ୍ଦ କରିଦେଥିବା ସୁକିନ୍ଦା ଟ୍ରକ୍ ମାଲିକ ସଂଘ କହିଛି। ଶୁକ୍ରବାର ମିନେରାଲ ଟ୍ରକ୍ ଆସୋଶନ ପକ୍ଷରୁ ମିଳିଥିବା ଆଇକାର୍ଡରେ ଟ୍ରକ୍‌ଗୁଡିକୁ ଲୋଡିଂ ମିଳିଥିବାବେଳେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ(କୁହିକା) ଦେଇଥିବା ଆଇକାର୍ଡରେ ଲୋଡିଂ ସୁବିଧା ମିଳିପାରି ନ ଥିଲ। ଏ ନେଇ କୁହିକା ଟ୍ରକ୍ ମାଲିକ ସଂଘ ମିନେରାଲର ଟୋକୋନ ନ ଆଣି ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମରେ ଲୋଡିଂ କରିବ ବୋଲି ସମ୍ପାଦକ ଅରୁଣ କୁମାର ପରିଡା ପ୍ରକାଶ କରିଛନ୍ତି ।

## ଗେଟ୍ ପାସ୍‌କୁ କେନ୍ଦ୍ରକରି କାରଖାନା ସମ୍ମୁଖରେ ଉତ୍ତେଜନା

**କଳିଙ୍ଗନଗର,୧୩।୭(ଡି.ଏନ୍.ଏ.)**



କଳିଙ୍ଗନଗର ମଜଦୁର ୟୁନିୟନର କର୍ମକର୍ତ୍ତା ଓ ଶ୍ରମିକମାନେ ଧାରଣାରେ ବସିଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳ ଭିସାଷ୍ଟିଲ କାରଖାନାରେ ୨ଜଣ ଠିକା ଶ୍ରମିକଙ୍କ ଗେଟ୍ ପାସକୁ କେନ୍ଦ୍ରକରି ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଶ୍ରମିକ ଦୁଇଜଣଙ୍କୁ ତୁରନ୍ତ ଗେଟ୍ ପାସ୍ ଦେବାସହ ପୂର୍ଣ୍ଣ ନିଯୁକ୍ତି ଦାବିରେ କଳିଙ୍ଗନଗର ମଜଦୁର ୟୁନିୟନର କର୍ମକର୍ତ୍ତା ଓ ଶ୍ରମିକମାନେ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦୋରା ଓ କଳିଙ୍ଗନଗର ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ କାରଖାନା କର୍ତ୍ତୃପକ୍ଷ ,ପୋଲିସ ପ୍ରଶାସନ ଉପସ୍ଥିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଳିଙ୍ଗନଗର ମଜଦୂର ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ଆଜାର ଅହମ୍ମଦ ଖାଁ, ସ୍ଥାନୀୟ ଅଞ୍ଚଳର ରାଜା ସାମଲ ଓ ପ୍ରଶନ୍ନଜିତ୍ ନାୟକ ଏବଂ କାରଖାନା ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଓ ଏଚ୍‌ଆର୍ ହେଡ୍ ସନ୍ଦିପ ମିଶ୍ର, ଚିରଞ୍ଜୀବ ଅଗ୍ରୱାଲ ଉପସ୍ଥିତ ଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ

**ଭିସାଷ୍ଟିଲ କାରଖାନା**

ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦୋରା ଓ କଳିଙ୍ଗନଗର ଥାନା ଅଧିକାରୀ ରଜେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଦୁଇ ଜଣ ଠିକା ଶ୍ରମିକଙ୍କୁ ପୂନର୍ବାର କାର୍ଯ୍ୟରେ ଯୋଗ ଦେବାପାଇଁ କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ପ୍ରକାଶ ଯେ, ସକାଳ ୮ଟା ପାଖାପାଖି ସମୟରେ କାରଖାନାରେ ଠିକା ଶ୍ରମିକଭାବେ କାମ କରୁଥିବା ଦୀପକ କୁମାର ମହାନ୍ତି ଓ ଶ୍ୟାମସୁନ୍ଦର ପଣ୍ଡା କାରଖାନା କାମ କରିବାରୁ ଆସିଥିଲେ। କିନ୍ତୁ ମୁଖ୍ୟ ଫାଟକରେ ସୁରକ୍ଷା କର୍ମୀ ସୋମନଙ୍କୁ ଭିତରକୁ ଯିବା ପାଇଁ ଦେଇ ନ ଥିଲେ। ଏ ନେଇ ସେମାନେ ପଚାରିବାରୁ ସୁରକ୍ଷାକର୍ମୀ ଗେଟ୍ ପାସ୍ କିଛି ଅସୁବିଧା ଅଛି ବୋଲି କହିଥିଲେ। ଏହାକୁ କେନ୍ଦ୍ରକରି ସେଠାରେ ଉପସ୍ଥିତ ଥିବା ଶ୍ରମିକ ଓ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଶ୍ରମିକ ମାନେ କାରଖାନାର ମୁଖ୍ୟ ଫାଟକ ଖୋଲି କାରଖାନା ଭିତରେ କାର୍ଯ୍ୟକରୁଥିବା ଶ୍ରମିକଙ୍କୁ କାମ ଛାଡି ଫାଟକ ସମ୍ମୁଖରେ ଧାରଣା ଦେବାକୁ କହିଥିଲେ। ଫଳରେ ସୁରକ୍ଷା କର୍ମୀ ଓ ଶ୍ରମିକଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଦେଖାଦେଇଥିଲା। ଶ୍ରମିକ ଦୁଇଜଣଙ୍କୁ ତୁରନ୍ତ ଗେଟ୍ ପାସ୍ ଦେବାସହ ନିଯୁକ୍ତି ଦାବିକରି କଳିଙ୍ଗନଗର ମଜଦୂର ୟୁନିୟନର କର୍ମକର୍ତ୍ତା ଓ ଶ୍ରମିକମାନେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀଅଧୀକ୍ଷକ ରାଜକିଶୋର ଦୋରା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ।

# ରାସ୍ତା ନିର୍ମାଣ ନାଁରେ ଅର୍ଥ ହଡ଼ପ

**ରତ୍ନଗିରି,୧୩।୭(ଡି.ଏନ.ଏ.)**



**ଗ୍ରାମ୍ୟ ଉନ୍ନୟନ ବିଭାଗ**

- ରାସ୍ତା ନିର୍ମାଣ ପାଇଁ ୨.୪୧ କୋଟି ଟଙ୍କା ବ୍ୟୟବରାଦ
- ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ
- ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏମଡିଆର-୧୪ଠାରୁ ରାଜାତୋଟା ପର୍ଯ୍ୟନ୍ତ ରସ୍ତା ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ୨ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏହି ରାସ୍ତାର ଦୈର୍ଘ୍ୟ ୬ କି.ମି. କରାଯିବାକୁ ସୂଚନା ଫଳକରେ ଉଲ୍ଲେଖ ଅଛି। ୬।୧୧।୨୦୧୬ଠାରୁ ରାସ୍ତା କାମ ଆରମ୍ଭ କରାଯାଇ ୦୬।୮।୨୦୧୭ ମଧ୍ୟରେ ଶେଷ କରାଯିବା କଥା। ମାତ୍ର ଦାୟିତ୍ୱରେ ଥିବା ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ହୋଇପାରି ନ ଥିଲା। ପରବର୍ତ୍ତୀ ଅବସ୍ଥାରେ ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ଲୋକେ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଦାୟିତ୍ୱରେ ଥିବା ବିଆରଏସ କନଷ୍ଟ୍ରକଶନ ତରଫରୁ ପୁନଶ୍ଚ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବାଲିବିଲିସ୍ଥିତ ବାଲୁଙ୍କେଶ୍ୱର ମହାଦେବଠାରୁ ଏମଡିଆର-୧୪କୁ ସଂଯୋଗୀକରଣ ପାଇଁ ଏହି ଯୋଜନାରେ ବ୍ୟୟବରାଦ ହୋଇଥିବାରୁ ଉକ୍ତ ରାସ୍ତା ଉପରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। କଲଭର୍ଟ ନିର୍ମାଣ ହୋଇଥିବା ସ୍ଥାନରେ ସରକାରୀ ବ୍ୟୟ ଅଟକଳ ଅନୁଯାୟୀ କାର୍ଯ୍ୟ କରାଯାଇ ନ ଥିବାରୁ ମାତ୍ର ଏକମାସ ମଧ୍ୟରେ ଏହି ରାସ୍ତାର ୨ ପାର୍ଶ୍ୱ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ରହିଛି। ପ୍ରକାଶଥାଉ କି, ନିୟମ ଅନୁଯାୟୀ ନିର୍ମାଣ ହୋଇଥିବା ରାସ୍ତାର ୨ ପାର୍ଶ୍ୱ ୩ ଫୁଟ ଓସାର ରହିବା ସହ ଉଭୟ ପଟର ସେହି ୩ ଫୁଟ ସ୍ଥାନରେ ମୋରମ ପକାଯାଇ ରୋଲିଂ କରାଯିବା କଥା। କିନ୍ତୁ ବିଭାଗର ଦୁର୍ନୀତିଖୋର ମନୋଭାଗ ଯୋଗୁ ମାତ୍ର ମାସେ ପୂର୍ବରୁ କଲଭର୍ଟ ନିକଟରେ ନିର୍ମାଣ ହୋଇଥିବା ରାସ୍ତା ଫାଟିଯାଇଥିବା ଦେଖିବାକୁ ମିଳିଛି। ମାତ୍ର ମାସେ ପୂର୍ବରୁ ସରକାରୀ ନିୟମକୁ ଉଲ୍ଲଂଘନ କରି ବର୍ଷା ସମୟ ଓ ରାତିରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷକରି ଏହି ସଂଯୋଗୀକରଣ ରାସ୍ତା ଦେଇ ବନ୍ୟା ସମୟରେ ବରୀ ଅଞ୍ଚଳର ବନ୍ୟା ଜଳ ପ୍ରବାହିତ ହୋଇଥାଏ। ଘଟଣାକୁ ଗୁରୁତ୍ୱ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। ଖୁବ୍‌ଶୀଘ୍ର ବନ୍ୟା ପୂର୍ବରୁ ଏହି ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

■ ଘରେ ପଶି ମହିଳାଙ୍କୁ ଗଣବଳାତ୍କାର ମାମଲା

### ଜିଲା ବାହାରୁ ଧରା ପଡିଲେ ୨ ଜଣ

କେନ୍ଦ୍ରାପଡା ଅଫିସ, ୧୩।୭: ନିକିରାଇ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ୩ ଜଣ ଦୁର୍ବୃତ୍ତ ଗତ ଜୁନ ୨୮ ରାତିରେ ଗଣ ବଳାତ୍କାର କରିଥିଲେ। ଏହି ମାମଲାରେ ନିକିରାଇ ପୋଲିସ ଜିଲା ବାହାରୁ ୨ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିଛନ୍ତି। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଆସନ୍ତା ୨ ଦିନ ମଧ୍ୟରେ ଏହି ମାମଲାର ସମାଧାନ ହୋଇଯିବ ବୋଲି ଥାନା ଅଧିକାରୀ କାବୁଲି ବାରିକ ଆଶା ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ୩ ଜଣ ଦୁର୍ବୃତ୍ତ ପୀଡିତାଙ୍କୁ ପରିବାର ସମ୍ମୁଖରେ ବଳାତ୍କାର କରିବା ସହ ତାଙ୍କ ସ୍ୱାମୀ ଓ ଦୁଇ ପିଲାଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ଏନେଇ ଥାନାରେ ମାମଲା (ନଂ-୭୩/୧୯) ରୁଜୁ ହୋଇଛି। ସମ୍ପୃକ୍ତ ମହିଳା ଅଦ୍ୟାବଧି କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ମାନାବାଧିକାର କର୍ମୀ ସୁଧାଂଶୁ ଶେଖର ନାୟକ ମାନାବାଧିକାର କମିଶନଙ୍କ ନିକଟରେ ଗତ ୩୦ ତାରିଖରେ ଅଭିଯୋଗ (ନଂ- ୭୪୮୯/ ଆଇଏନ/ ୧୯) ଦେଇଥିଲେ। ଏଥିରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତି ପୂରଣ ପାଇଁ ନିବେଦନ କରିଥିଲେ। କମିଶନଙ୍କ ପକ୍ଷରୁ ୪ ସପ୍ତାହ ମଧରେ ଏହି ମାମଲାରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

■ ଜମିବାଡି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟଣା

### ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଆଳି, ୧୩।୭: ଆଳି ଥାନା ଅନ୍ତର୍ଗତ ସହିରା ଗ୍ରାମରେ ଏକ ଜମିବାଡି ବିବାଦକୁ ନେଇ ଗତ ବୁଧବାର ଜଣେ ବ୍ୟକ୍ତିଙ୍କୁ ମାଡ଼ମାରି ହତ୍ୟାକରାଯାଇଥିଲା। ଏନେଇ ଥାନାରେ ମାମଲା (ନଂ-୧୨୩/୧୯)ରୁଜୁ କରାଯାଇଥିଲା। ଏହି ଘଟଣାରେ ଆଳି ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଅରୁଣ ଜେନା ଓ କ୍ଷମାନିଧି ଜେନା। ସେହିପରି ପୋଲିସ ଆଉ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଅଭିଯୋଗ ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ସହିରା ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ପରିବାର ସହ ମେଘନାଥ ଜେନା ଓ ପବନୀ ଜେନାଙ୍କ ପରିବାରର ଜମିବାଡିକୁ ନେଇ ବିବାଦ ହୋଇଥିଲା। ଏନେଇ ଗତ ୭ ତାରିଖରେ ଆଳି ଥାନାରେ ଏକ ଅଭିଯୋଗ ହୋଇଥିଲା। ପରେ ଆଳି ଥାନାରେ ଉଭୟ ପକ୍ଷ ମଧରେ ବୁଝାଶୁଝା ହୋଇଥିଲା।

ଏହି ଘଟଣାର ୨ ଦିନ ପରେ ଅର୍ଥାତ ୯ ତାରିଖରେ ଲକ୍ଷ୍ମୀଧରଙ୍କ ଭାଇ ରାମଚନ୍ଦ୍ର ଜେନା ଘର ନିକଟ ନଳକୂପକୁ ପାଣି ଆଣୁଥିବା ବେଳେ ତାଙ୍କୁ ଅତର୍କିତ ଭାବେ ଠେଙ୍ଗା, ବାଡ଼ି ଓ ଲୁହାରଡ଼ ଆଦି ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ ହୋଇଥିଲା। ଏଥିରେ ମେଘନାଥ ଜେନା, ସନ୍ତୋଷ ଜେନା, ପବନୀ ଜେନା, ଅରୁଣ ଜେନା, କ୍ଷମାନିଧି ଜେନା ପ୍ରମୁଖ ସାମିଲ ହୋଇଥିଲେ। ଆକ୍ରମଣରେ ରାମଚନ୍ଦ୍ର ଗୁରୁତର ହୋଇଥିଲେ। ସେଠାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଲକ୍ଷ୍ମୀଧର ଆଳି ଥାନାରେ ଅଭିଯୋଗ କରିଥିଲେ। ଖୁବଶୀଘ୍ର ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

### ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର

କେନ୍ଦ୍ରାପଡା ଅଫିସ, ୧୩।୭: କେନ୍ଦ୍ରାପଡ଼ା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥାର୨ ଦିନିଆ ସ୍ୱତନ୍ତ୍ର ଶିବିର ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ ବନମହୋତ୍ସବକୁ ଗୁରୁତ୍ୱ ଦିଆଯାଇଛି। ଅଧକ୍ଷ ଡ. ସ୍ମୃତିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ କେନ୍ଦ୍ରାପଡ଼ା ରେଞ୍ଜର ଅଧୀର କୁମାର ବେହେରା ଓ ସମ୍ମାନିତ ଅତିଥିଭାବରେ ଶିକ୍ଷାବିତ୍ ଗୋଲଖ ଚନ୍ଦ୍ର ମହାଭୋଇ ଯୋଗ ଦେଇଥିଲେ। ଅତିଥିମାନେ ପରିବେଶ ସୁରକ୍ଷାରେ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜିକା ଡ. ପଦ୍ମଜା କବି ଶତପଥୀ, ଅଧାପିକା ସବିତା ଦାସ, ତନ୍ମୟୀ ସେଠୀ, ସୁଧାରାଣୀ ଦାଶ, ବଳରାମ ବାରିକ, ବିଶ୍ୱପ୍ରକାଶ ସାହୁ ଓ ଅଖିଳେନ୍ଦୁ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

■ ପାଟକୁରା ବିଧାନସଭା ନିର୍ବାଚନ

# ଶାଣିତ ହେଉଛି ପ୍ରତିପକ୍ଷଙ୍କ ଆକ୍ଷେପ

କେନ୍ଦ୍ରାପଡା ଅଫିସ, ୧୩।୭

ଆସନ୍ତା ରବିବାର ପାଟକୁରା ନିର୍ବାଚନ । ୧୮ ସନ୍ଧ୍ୟାରେ ପ୍ରଚାର ଶେଷ ହେବ । ବ୍ୟବଧାନ ମାତ୍ର ୫ ଦିନ। ଏନେଇ ରାଜ୍ୟର ୩ ପ୍ରମୁଖ ଦଳର ଷ୍ଟାର ପ୍ରଚାରକ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଶାଣିତ ଆକ୍ଷେପ ଓ ପ୍ରତିଆକ୍ଷେପ କରି ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ଦଳୀୟ ନେତାଙ୍କୁ ଛନ୍ଦିବାକୁ ଚାହୁଁଛନ୍ତି। କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ନିର୍ବାଚନୀ ପ୍ରଚାର ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ର, ସୁର ରାଉତରା ପ୍ରମୁଖ ଶନିବାର ଡେରାବିଶ ଓ ଗରଦପୁର ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ ନେତା ରାଉରାୟ ପ୍ରକାଶ କରିଥିଲେ, ପାଟକୁରା ନିର୍ବାଚନରେ ବିଜେଡି ସହ କଂଗ୍ରେସର ଲଢ଼େଇ ହେଉଛି । ରାଜ୍ୟସଭାକୁ ଏମ୍‌ପି ଭାବେ ମନୋନୀତ କରି ଅଶ୍ୱିନୀ ବୈଷ୍ଣବଙ୍କୁ ପଠାଯିବା ପରେ ବିଜେଡି ଓ ଭାଜପା ମଧରେ ଥିବା କୋଳାକୋଳି ଭାବ ପଦାକୁ ଆସିଛି। ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଲ ବୋଲି ସାର୍ଟିଫିକେଟ ଦେଇଛନ୍ତି । ବଜେଟରେ ଓଡ଼ିଶା ପ୍ରତି ଅବିଚାର କରାଯାଇଥିଲେ ମଧ୍ୟ ବିଜେଡି ଚୁପ୍ ରହୁଛି । ଏପରିକି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ଦାବି ଏବେ ଫୁସକି ଯାଇଛି। ସେହିପରି ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତିଯେ, ଗଣତନ୍ତ୍ରରେ ସୁସ୍ଥ ପରମ୍ପରା ପାଇଁ ବିରୋଧୀ ଦଳର ଆବଶ୍ୟକତା ରହିଛି । ରାଜ୍ୟସଭା ନିର୍ବାଚନ ପରେ ବିଜେଡି ବିରୋଧରେ ଭାଜପା ବିଧାନସଭାରେ ମୁହଁ ଖୋଲୁନାହିଁ । କଂଗ୍ରେସର ୯ ବିଧାୟକ ଏବେ ମୁଖ୍ୟ ବିରୋଧି ଭୂମିକା ନେଇଛନ୍ତି । ପ୍ରାର୍ଥୀ ଜୟନ୍ତ ମହାନ୍ତି ଜିତିବା ପରେ ସଂଖ୍ୟା ୧୦ ହେବ । ବିରୋଧିଙ୍କ ସ୍ୱର ଆହୁରି ଅଧିକ ହୋଇ ପାଟକୁରା ନିର୍ବାଚନ ମଣ୍ଡଳୀ ସହ କେନ୍ଦ୍ରାପଡ଼ାର ସମସ୍ୟା ଉପସ୍ଥାପିତ ହୋଇ ପାରିବ ବୋଲି ମିଶ୍ର କହିଛନ୍ତି। ସେହିପରି ପିସିସି ସଭାପତି ପଟ୍ଟନାୟକ କହିଛନ୍ତିଯେ, ପାଟକୁରାର ବିକାଶ ପାଇଁ ବିଜେଡି ବିଧାୟକଙ୍କ କେବେହେଲେ ନିଘା ନ ଥିଲା । ଏହି ନିର୍ବାଚନ ମଣ୍ଡଳୀ ଏବେ ଦାଦନଙ୍କ ଗାଁ ପାଲଟିଯାଇଛି। ପ୍ରାର୍ଥୀ ମହାନ୍ତି ଜିତିଲେ, ଚାଷୀ ଓ ଯୁବବର୍ଗଙ୍କୁ କର୍ମ ସଂସ୍ଥାନ ଯୋଗାଇଦେବାକୁ ଗୁରୁତ୍ୱ ଦେବେ। ଏନେଇ ପାଟକୁରାବାସୀ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମନସ୍ଥ କରିସାରିଛନ୍ତି ବୋଲି ପିସିସି ସଭାପତି ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଅପରପକ୍ଷରେ ଭାଜପା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଏହି ଅଞ୍ଚଳରେ ରୋଡ ଶୋ କରିଥିଲେ । ଭୋଟ ରାଜନୀତିରେ ମହିଳାଙ୍କୁ ଗୁରୁତ୍ୱ ଦେଇ ଏମପି ଷଡ଼ଙ୍ଗୀ କହିଥିଲେଯେ, ମହିଳାଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିଛନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ କେନ୍ଦ୍ରରୁ ଅନୁଦାନ ଯୋଗାଇ ଦେଉଛନ୍ତି । ମାତ୍ର ରାଜ୍ୟ ସରକାର ମହିଳାଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶେଷ ଧ୍ୟାନ ନ ଦେଇ ଅନୁଦାନ ଅର୍ଥ ହଡ଼ପ କରିଚାଲିଛି । ରୋଷଇ ଗ୍ୟାସ, ତିନି ତଲାକ ବ୍ୟବସ୍ଥା ଦ୍ୱାରା ମହିଳାମାନେ ଉପକୃତ ହୋଇଛନ୍ତି । ତେବେ ରାଜ୍ୟ ସରକାର ମହିଳା ଗୋଷ୍ଠୀଙ୍କୁ ସାମାନ୍ୟ ଟଙ୍କା ଦେଇ ଭୋଟ କିଣିବାକୁ ଚାହୁଁଛନ୍ତି । ପାଟକୁରା ନିର୍ବାଚନ ମଣ୍ଡଳୀର ମହିଳାଙ୍କ ଦକ୍ଷତା ବୃଦ୍ଧି ସହ ଆର୍ଥିକ ସୁଦୃଢ଼ କରିବା ନିମନ୍ତେ ଭାଜପା ପ୍ରାର୍ଥୀ ବିଜୟଙ୍କ ଜିତିବା ଆବଶ୍ୟକ ବୋଲି ଷଡ଼ଙ୍ଗୀ କହିଥିଲେ। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓରାମ ଓ ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ପ୍ରମୁଖ ବିଜୟଙ୍କ ବିଜୟରେ ପାଟକୁରାର ବିଜୟ ହେବ ବୋଲି କହିଛନ୍ତି । ସେହିପରି ଏହି ଆସନକୁ ହାତେଇବା ପାଇଁ ବିଜେଡିର ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ଦଳର ବହୁ ମନ୍ତ୍ରୀ ଓ ବିଧାୟକ ବାରମ୍ବାର ବୈଠକ କରିବା ସହ କର୍ମୀ ସମ୍ମିଳନୀ, ପଦଯାତ୍ରା କରି ଘରେ ଘରେ ଶଂଖ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଛନ୍ତି । ଏହି ଅବସରରେ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, କଂଗ୍ରେସର ଏଠାରେ ସ୍ଥିତି ଭଲ ନାହିଁ । ରାଜ୍ୟରେ ବିଜେଡି ସରକାର ରହିଛି । ଏଠାରୁ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଜିତିଲେ, ପାଟକୁରା ନିର୍ବାଚନ ମଣ୍ଡଳୀର ଉନ୍ନତି ହୋଇ ପାରିବ । ମୁଖ୍ୟମନ୍ତ୍ରୀ ଏହି ଜିଲାର ବିକାଶ ଦାୟିତ୍ୱ ନିଜ ହାତକୁ ନେଇଥିବାରୁ ବିଜେଡି ହିଁ ଜିତିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

## ବିଶ୍ୱାସଘାତକଙ୍କୁ ପାଟକୁରାବାସୀ ନିର୍ବାଚନରେ ଜବାବ ଦେବେ: ଦାମ



ଭାଜପାର ନିର୍ବାଚନୀ ସଭାରେ ଯୋଗଦେଇଥିବା ଅତିଥିମାନେ।

ପାଟକୁର, ୧୩।୭(ଡି.ଏନ୍.ଏ.)

ବିଶ୍ୱାସଘାତକଙ୍କୁ ପାଟକୁରାବାସୀ ଆସନ୍ତା ନିର୍ବାଚନରେ ଉଚିତ୍ ଜବାବ ଦେବେ। ବିଜେଡି ଦଳରେ ଏବେ ବିଜୁଙ୍କ ଅନୁଗତମାନେ ନବୀନଙ୍କ ପାଖରେ ନାହାନ୍ତି, ଏବେ ତାଙ୍କ ପାଖରେ କେବଳ ଖଣି ମାଫିଆ, ବ୍ଲାକ୍ ରୋଜ ଚୋର, ଚିଟ୍‌ଫଣ୍ଡ ଚୋର ଓ ସିବିଆଇ ଧରିଥିବା ଚୋରମାନେ ରହିଛନ୍ତି ବୋଲି ଭାଜପା ନେତା ଡାକ୍ତର ଦାମୋଦର ରାଉତ ଏକ ନିର୍ବାଚନୀ ସଭାରେ ଶୁକ୍ରବାର ପ୍ରକାଶ କରିଛନ୍ତି। ବିଜୟ ମହାପାତ୍ରଙ୍କ ଟିକେଟ କାଟି ଯିଏ ତାଙ୍କ ସହ ବିଶ୍ୱାସ ଘାତକତା କରିଥିଲା, ତାଙ୍କୁ ଆସନ୍ତା ନିର୍ବାଚନରେ ଉଚିତ୍ ଜବାବ ମିଳିବ ବୋଲି ଦାମ କହିଥିଲେ। ଗରଦପୁର ବ୍ଲକର ପୋଷ୍ଟ ଅଫିସ୍ ପଡ଼ିଆରେ ସନ୍ଧ୍ୟାରେ ଭାଜପା ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଡାକ୍ତର ରାଉତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ସେ କହିଥିଲେ, ରାଜ୍ୟର ବିକାଶ କେବଳ ବିଭିନ୍ନ ଦୁର୍ନୀତିରେ ହୋଇଛି। ସେସବୁ ମଧ୍ୟରେ ପାଇଖାନା ଦୁର୍ନୀତି, ହରିଶ୍ଚନ୍ଦ୍ର ଦୁର୍ନୀତି ଓ ଆବାସ ଯୋଜନା ଦୁର୍ନୀତି ଆଦି ଅନ୍ତର୍ଭୁକ୍ତ ରହିଛି । ବିଜୟ ମହାପାତ୍ର ମନ୍ତ୍ରୀ ଥିବା ସମୟରେ ରାଜ୍ୟ ଏବଂ ସ୍ଥାନୀୟ ଅଞ୍ଚଳରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟଗୁଡିକୁ ଦାମ ମନେପକାଇ ବିଜୟଙ୍କୁ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବରିଷ୍ଠ ଭାଜପା ନେତା ପ୍ରଶନ୍ନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ରାଜ୍ୟସଭା ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ପ୍ରସାଦ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଅହଲ୍ୟା ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

■ ଡେରାବିଶରେ ପ୍ରଚାର ଅଭିଯାନକୁ ଜୋରଦାର କଲା ବିଜେଡି

## ବିଭିନ୍ନ ପଞ୍ଚାୟତରେ ମନ୍ତ୍ରୀ ଓ ବିଧାୟକଙ୍କ ଡେରା

ଡେରାବିଶ, ୧୩।୭ (ସ୍ୱ.ପ୍ର.)



କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ପାଟକୁରା ନିର୍ବାଚନ ଆଗାମୀ ୨୦ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କୁ ବହୁ ଭୋଟରେ ବିଜୟୀ କରିବା ପାଇଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ୨୭ଟି ପଞ୍ଚାୟତରେ ଦଳ ପକ୍ଷରୁ ବହୁ ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ନେତାମାନେ ଡେରା ପକାଇ ପ୍ରଚାରକୁ ସରଗରମ କରିଛନ୍ତି। ଶନିବାର ବ୍ଲକ ଅଧୀନ ଛୋଟିଠାରେ ଏକ ପଞ୍ଚାୟତସ୍ତରୀୟ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମବାୟବିତ ପ୍ରସନ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମୀ ସମାବେଶରେ ପ୍ରାର୍ଥିନୀ ସାବିତ୍ରୀ, ଭଦ୍ରକ ବିଧାୟକ ସଞ୍ଜିବ କୁମାର ମଲିକ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ପାଟକୁରାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଏବଂ ପୂର୍ବତନ ବିଧାୟକ ବେଦ ପ୍ରକାଶ ଅଗ୍ରୱାଲଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଗାମୀ ନିର୍ବାଚନରେ ଶଂଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟଦାନ କରିବାକୁ ନିବେଦନ କରିଥିଲେ। ଏହି ସମାବେଶରେ ଦାମୋଦର ଜେନା, ଶାରଦା ବାରିକ, ଶୀତ କୁମାର ନାୟକ ଓ ଦିବାକର ସ୍ୱାଇଁ ପ୍ରମୁଖ ବହୁ ଦଳୀୟ ନେତା ନିଜ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ଶୁକ୍ରବାର ସନ୍ଧ୍ୟାରେ ବ୍ଲକ ଅଧୀନ ଠାକୁରାହାଟ ଠାରେ ଅନୁଷ୍ଠିତ ମହିଳା ସମାବେଶରେ ଗୁଆଳସିଂ ସରପଞ୍ଚ ବଚ୍ଛକୃଷ୍ଣ ସେଠୀ ଅଧକ୍ଷତା କରିଥିଲେ। ଏହି ସମାବେଶରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭକ୍ତିମୟୀ କର, ଓ ନାରୀ ନେତ୍ରୀ ଅନୁସୂୟା ନାଥଶର୍ମା, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖଚନ୍ଦ୍ର ସାହୁ ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଚଳିତ ବଜେଟରେ ମହିଳାଙ୍କ ଉନ୍ନତି ପାଇଁ ସ୍ୱତନ୍ତ ଅର୍ଥିକ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ଦାସ ମତବ୍ୟକ୍ତ କରିଥିଲେ। ପାଟକୁରାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମନ୍ତ୍ରୀ ଦାସ ଭୋଟରଙ୍କୁ ନିବେଦନ କରିଥିଲେ।

## ବିଜୟଙ୍କ ରୋଡ ଶୋ'ରେ ଅପରାଜିତା, ଦାମ ସାମିଲ

ପାଟକୁରା, ୧୩।୭(ଡି.ଏନ୍.ଏ.)




ବିଜୟ ମହାପାତ୍ର ସମର୍ଥକଙ୍କ ସହ ରୋଡ ଶୋ'ରେ ଯାଉଛନ୍ତି।

ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତରେ ଭାଜପା ପକ୍ଷରୁ ଶନିବାର ଏକ ରୋଡ ଶୋ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ପାଟକୁରା ବିଧାନସଭା ପ୍ରାର୍ଥୀ ବିଜୟଙ୍କୁ ସମର୍ଥନ କରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଯୋଗଦେଇଥିଲେ। ନୂଆପଡାଠାରୁ ଏହି ରୋଡ ଶୋ ବାହାରି ପଞ୍ଚାୟତ ଅନ୍ତର୍ଗତ ବିଚଣା ଦୁର୍ଗା ମଣ୍ଡପଠାରେ ପହଞ୍ଚିଥିଲା। ଏହି ଅବସରରେ ଆୟୋଜିତ ପ୍ରଥପ୍ରାନ୍ତ ସଭାରେ ଏମ୍‌ପି ଷଡ଼ଙ୍ଗୀ କହିଥିଲେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତ ବଜେଟ୍‌ରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଗୁଡିକ ପାଇଁ ଏକ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି। ଏହି ଅଞ୍ଚଳରେ ରୋଜଗାରର ପନ୍ଥା ବାହାରିବା ଦରକାର। ଆଗାମୀ ଦିନରେ ସେ ପାଟକୁରା ଅଞ୍ଚଳର ବିକାଶ କାର୍ଯ୍ୟରେ ବିଜୟଙ୍କୁ ସମର୍ଥନ କରିବେ ବୋଲି କହିଥିଲେ। ଏଥିରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଯୋଗଦେଇ କହିଥିଲେ, ମୋ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଅନୁକମ୍ପା ଥିବା ଲୋକମାନେ ସାରା ଓଡ଼ିଶାରୁ ଆସି ପାଟକୁରା ଅଞ୍ଚଳରେ ବୁଲୁଛନ୍ତି। ଏଥିସହ ଗୋଟିଏ ମଞ୍ଚରେ ବସି ତର୍କ ବିତର୍କ କରିବାକୁ ବିରୋଧୀ ଦଳକୁ ଆହ୍ୱାନ ଦେଇଥିଲେ। ସେହିପରି ଡାକ୍ତର ରାଉତ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ବିଜୟ ମନ୍ତ୍ରୀ ଥିବା ସମୟରେ ପାଟକୁରାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ଦେଓଗଡର ପୂର୍ବତନ ଏମ୍‌ପି ରବି ପାଣି, ବିକାଶ ଗିରି ଓ ବିଜୟ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ବ୍ରହ୍ମ ତାଳଧ୍ୱଜ ଶ୍ରୀଜୀଉଙ୍କ ମନ୍ଦିର ଚକଡ଼ାରେ ଲାଗିଲା



ଇଚ୍ଛାପୁରରେ ଶ୍ରୀବଳଦେବଜୀଉଙ୍କ ବାହୁଡା ଯାତ୍ରା।

କେନ୍ଦ୍ରାପଡା ଅଫିସ, ୧୩।୭

ଶ୍ରୀ ବଳଦେବଜୀଉ ବ୍ରହ୍ମ ତାଳଧ୍ୱଜ ରଥରେ ଶନିବାର ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ପରିସରରୁ ମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ପୋଲିସର ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧରେ ଶ୍ରଦ୍ଧାଳୁ ରଥକୁ ଟାଣି ନେଇଥିଲେ। ଘଣ୍ଟପାଟୁଆ, ଭଜନ ସଂକୀର୍ତ୍ତନ ଦଳ ଓ ତାହୁକର ଡାକ ରଥଦାଣ୍ଡକୁ ଭକ୍ତିମୟ କରିଥିଲା। ଏହି ଅବସରରେ ୨୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଦେବୋତ୍ତର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟନିର୍ବାହୀ ବଳଭଦ୍ର ପତ୍ରୀ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ପ୍ରମୁଖ ରଥ ନିକଟରେ ଉପସ୍ଥିତ ଥିଲେ। ଏଏସ୍‌ପି ଅରୁଣ କୁମାର ଜେନା, ଏସ୍‌ଡ଼ିପିଓ ରାଜୀବଲୋଚନ ପଣ୍ଡାଙ୍କ ନେତୃତ୍ୱରେ ୮ ପ୍ଲାଟୁନ ପୋଲିସ ବାହିନୀ ଶୃଙ୍ଖଳିତ ଭାବେ ରଥଟଣା କାର୍ଯ୍ୟକୁ ସମାପାନ କରିଥିଲେ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, କାଳି ପ୍ରସାଦ ମିଶ୍ର, ଟ୍ରଷ୍ଟି ବଳରାମ ସୁଆର, ଯଯାତିକେଶରୀ ମହାନ୍ତି ଓ ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ଏଥିରେ ଯୋଗଦେଇ ରଥ ଟାଣିଥିଲେ । ପାରମ୍ପାରିକ ରୀତିନୀତି ଅନୁସାରେ ପୁରୀ ଶ୍ରୀକ୍ଷେତ୍ରରେ ରଥଟଣା ଯିବାର ପରଦିନ ଶ୍ରୀଜୀଉଙ୍କ ରଥଟଣା ଯାଇଥିଲା । ଏନେଇ ରଥାରୁଢ଼ ଶ୍ରୀଜୀଉଙ୍କ ଏକାଦଶୀ ତିଥି ରୀତିନୀତି ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା । ସକାଳ ୬ରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ୯ଟା୩୦ରେ ଗୋପାଳ ବଲ୍ଲଭ ଧୂପ ପରେ ଚାରମାଳ ଖୋଲା ଯାଇଥିଲା । ଏଥିସହ ରଥର ୪ ଘୋଡାଙ୍କୁ ଯୋଚା ଯାଇଥିଲା । ୧୧ଟାରେ ଖେଚୁଡ଼ି ଧୂପ ପରେ ଶ୍ରୀଜୀଉଙ୍କ ନିତ୍ୟବେଶ ହୋଇଥିଲା । ପରମ୍ପରା ଅନୁଯାୟୀ, ରଥଦାଣ୍ଡରେ ଶ୍ରୀଜୀଉଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କରାଯାଇଥିଲା ।

■ ପାଟକୁରାରେ କଂଗ୍ରେସର ନିର୍ବାଚନୀ ପ୍ରଚାର

## ରୋଡ ଶୋ'ରେ ନିରଞ୍ଜନ, ନରସିଂହ ଓ ସୁରେଶ

ଡେରାବିଶ, ୧୩।୭(ସ୍ୱ.ପ୍ର.)

ନିର୍ବାଚନ ଯେତେ ପାଖେଇ ଆସୁଛି ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ରାଜନୈତିକ ତାତି ସେତିକି ଉଷ୍ମ ହେବାରେ ଲାଗିଛି। ଗତ ୧ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ବିଜେଡି ଓ ଭାଜପା ନିଜ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମାଳ ମାଳ ନେତା ବ୍ଲକ ଅଞ୍ଚଳରେ ଡେରା ପକାଇଛନ୍ତି। ମାତ୍ର ଶନିବାର କଂଗ୍ରେସ ପକ୍ଷରୁ ରୋଡଶୋ ଓ ପଥପ୍ରାନ୍ତ ସଭା କରାଯାଇ ପ୍ରଚାରକୁ ଜୋରଦାର କରାଯାଇଛି । ବ୍ଲକ ଅଧୀନ ୫ ନଂ (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ଠାରୁ ଆରମ୍ଭ ହୋଇଥିବା କଂଗ୍ରେସର ରୋଡଶୋରେ ଦଳୀୟ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ସମେତ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳର ନେତା ନରସିଂହ ମିଶ୍ର ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ ଦଳୀୟ ନେତା ଏହି ରୋଡଶୋରେ ସାମିଲ ହୋଇ ଲକ୍ଷ୍ମୀନାରାୟଣପୁର, ଗୋଲରାହାଟ, ଚାଟରାଚକଡା, କୁଶିଆପାଳ, ଗୁଆଳସିଂ, ଚାନ୍ଦୋଳ ସମେତ ବ୍ଲକ ଅଧୀନ ଅନ୍ୟାନ୍ୟ ପଞ୍ଚାୟତକୁ ଗସ୍ତ କରି ଦଳୀୟ ପ୍ରାର୍ଥୀ ଜୟନ୍ତଙ୍କୁ ଜିତାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଛତା ଠାରେ ବରିଷ୍ଠ ନେତା ପ୍ରଶାନ୍ତ ଦାସଙ୍କ ଅଧକ୍ଷତାରେ ଏକ କର୍ମୀ ସମାବେଶ ହୋଇଥିଲା ।



ପ୍ରଚାର ସମୟରେ ପିସିସି ସଭାପତି ଓ ଅନ୍ୟମାନେ।

ଏଥିରେ ନେତାମାନେ ଯୋଗଦେଇ କହିଥିଲେ ଯେ, ସାଧାରଣ ଲୋକଙ୍କ ସମସ୍ୟା ସହ ଜଡିତ ଥିବା ୧୪୦ବର୍ଷର କଂଗ୍ରେସ ଦଳ ସାଧାରଣ ଲୋକଙ୍କ ଦଳ ହୋଇ ରହି ଆସିଛି। ରାଜ୍ୟରେ ନବୀନ ସରକାର ଓ କେନ୍ଦ୍ରର ମୋଦି ସରକାରଙ୍କ ମଧ୍ୟରେ ଭିତିରି ବୁଝାମଣା ପାଇଁ ଉଭୟ ଭାଜପା ଓ ବିଜେଡି ମଧ୍ୟରେ ପାଟକୁରା ନିର୍ବାଚନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ହେଉଥିବା ଦଳୀୟ ନେତା ନିରଞ୍ଜନ, ନରସିଂହ ଓ ସୁର ଉଲ୍ଲେଖ କରିଥିଲେ। ମାତ୍ର ପାଟକୁରା ଭୋଟର ସଚେତନ ଥିବାରୁ ଏହି ନିର୍ବାଚନରେ କଂଗ୍ରେସର ବିଜୟ ନିଶ୍ଚିତ ବୋଲି ସେମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। କର୍ମୀ ସମାବେଶରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ବେହୁରା, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ଆକବର ଅଲ୍ଲୀ, ପ୍ରଫୁଲ୍ଲ କୁମାର ଦାସ, ଶୁଭ୍ରାଂଶୁ ଲେଙ୍କା ଓ ଅଜୟ କୁମାର ସାମଲ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ପାଟକୁରାକୁ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ରଖିଥିବା ଉଭୟ ବିଜେଡି ଓ ଭାଜପା ସରକାରଙ୍କ ବିଷୟରେ ସାଧାରଣ ଲୋକ ଜାଣିଛନ୍ତି ବୋଲି କହିବା ସହ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହାଛଡା ୧୨ ଜୋନ ଦଳୀୟ ସଭାପତି ରାଜୀବ ଲୋଚନ ମିଶ୍ର, ୧୩ନଂ ଜୋନ ସଭାପତି ପ୍ରମୋଦ କୁମାର ରାଉତ, ୧୪ନଂ ଜୋନ ସଭାପତି ଉମେଶ ତ୍ରିପାଠୀ, ବରିଷ୍ଠ ନେତା ଅନନ୍ତ ପାତ୍ର, ମହିଳା ନେତ୍ରୀ ରଶ୍ମିତା ମହାନ୍ତ, ଯୁବ ନେତା ଦିଲିପ ମଲିକ ପ୍ରମୁଖ ଏହି ସମାବେଶରେ ନିଜ ନିଜ ବକ୍ତବ୍ୟ ରଖିଥିଲେ।



"ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ମହିଳାଙ୍କୁ ଧମକ, ଫାଣ୍ଡିରେ ଅଭିଯୋଗ

**ସିଂହପୁର,୧୩।୭(ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରୀ ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ଶନିବାର କେତେଜଣ ଅସାମାଜିକ ବ୍ୟକ୍ତି ଧମକ ଦେବା ସହ ଗାଳିଗୁଲଜ କରିଥିବା ନେଇ ଜରୀ ଫାଣ୍ଡିରେ ଅଭିଯୋଗ ହୋଇଛି। ମହିଳା ଜଣକ ହେଲେ ଜରୀ ପଞ୍ଚାୟତ ଜରୀ କୂଳସାହି ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଦାସଙ୍କ ସ୍ତ୍ରୀ ନିରୁପମା। ନିରୁପମାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖ ସନ୍ଧ୍ୟାରେ ସ୍ଥାନୀୟ କେତେଜଣ ଅସାମାଜିକ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ଘରକୁ ଯାଇ ଧମକ ଦେଇଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଟଣା ଓଟରା ମଧ କରିଥିଲେ। ଏ ସମ୍ପର୍କରେ ଥାନା କିମ୍ବା ଫାଣ୍ଡିରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନିରୁପମା ପାଟି କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଫଳରେ ସେମାନେ ଫେରାର ହୋଇଯାଇଥିଲେ।

### ନିଖୋଜ ୩ ଶିଶୁ କୁଆଖିଆରୁ ଉଦ୍ଧାର

**କୋରେଇ,୧୩।୭(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତସ୍ଥିତ ବ୍ରଜନଗର ଗ୍ରାମର ନିଖୋଜ ହୋଇଥିବା ୩ ଆଦିବାସୀ ଶିଶୁଙ୍କୁ ଶନିବାର କୁଆଖିଆ ଅଞ୍ଚଳରୁ ଶନିବାର ୩ ଆଦିବାସୀ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇ ପରିବାର ଜିମା ଦିଆଯାଇଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନେ ପାଣିକୋଇଲି ଥାନା ଅଞ୍ଚଳରେ ରହୁଥିଲେ। ସେମାନେ ବ୍ରଜନଗର ଗ୍ରାମ ନିକଟ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ଖେଳୁଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପାଣିକୋଇଲି ଥାନାରେ ଲିଖିତ ନିଖୋଜ ଅଭିଯୋଗ କରିଥିଲେ। ଶନିବାର କୁଆଖିଆ ପୋଲିସ କୁଆଖିଆ ବଜାରରୁ ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲି ଥାନାକୁ ଜଣାଇଥିଲା।

### ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ ଜେଲ ଗଲେ ଯୁବକ

**କୋରେଇ,୧୩।୭(ସ୍ୱ.ପ୍ର.):** କୋରେଇ ଥାନା ଅଞ୍ଚଳର ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଶନିବାର ଯୁବକ ଜେଲ୍ ଯାଇଛନ୍ତି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ମକୁନ୍ଦପୁର ପଞ୍ଚାୟତ ଓଷଳା ଗ୍ରାମର ଦିନେଶ ମଲିକ (୨୧)। ଏ ନେଇ ପୋଲିସ ଏକ ମାମଲା (ନଂ. ୧୪୩/୧୯) ରୁଜୁ କରି ତଦନ୍ତ ଜାରି ରଖିବା ସହ ଦିନେଶଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଦିନେଶ ସମ୍ପୃକ୍ତ ନାବାଳିକାଙ୍କୁ ବାରମ୍ବାର ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ। ଏ ନେଇ ନାବାଳିକା ଜଣକ କୋରେଇ ଥାନାରେ ଅଭିଯୋଗ କରିଥିଲେ।

### ନବ ଉତ୍କଳ ମହିଳା ସମାଜ ପକ୍ଷରୁ ଛତା ବଣ୍ଟନ

**ଯାଜପୁରରୋଡ,୧୩।୭(ନି.ପ୍ର.):** ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ଶୁକ୍ରବାର ନବଉତ୍କଳ ମହିଳା ସମିତି ଯାଜପୁର ଜିଲା କମିଟି ପକ୍ଷରୁ ବ୍ୟାସନଗର, ଦାନଗଦୀ ଓ କୋରେଇ ଅଞ୍ଚଳରେ ରହୁଥିବା ୧୦୦ରୁ ଊର୍ଦ୍ଧ୍ୱ ଗରିବ ପରିବାର ସଦସ୍ୟଙ୍କୁ ଛତା ବଣ୍ଟନ କରାଯାଇଛି। ସମିତିର ସଭାନେତ୍ରୀ ଶାନ୍ତିଲତା ମାଝି, ସମ୍ପାଦିକା ଜୟନ୍ତୀ ଜେନାଙ୍କ ତତ୍ତ୍ୱାବଧାନରେ ଛତା ବଣ୍ଟନ କରାଯାଇଥିଲା। ମହିଳା ସମିତି ସଦସ୍ୟ ସୁଜାତା ବାରିକ, କୁନି ଓଝା, କବିତା ପାତ୍ର, କାମିନୀ ପାତ୍ର, ପାଗଳୀ ବେହେରା, ଜାଳୀ ମଲ୍ଲିକ, ମନୋରମା ମହାନ୍ତି, ଲତା ଜେନା, ମମତା ମଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଜୁଲାଇରେ ୭୭ ପ୍ରତିଶତ କମ୍ ବର୍ଷା

# ମରୁଡ଼ି ଆଶଙ୍କା, ଚିନ୍ତାରେ ଚାଷୀ

**ଯାଜପୁର ଅଫିସ,୧୩।୭**



- ଆବଶ୍ୟକ ଜଳସେଚନର ଅଭାବ
- ବର୍ଷାକୁ ଚାହିଁ ରହିଛି ଚାଷୀ

ଆଷାଢ ମାସର ୩ ସପ୍ତାହ ଅତିକ୍ରାନ୍ତ ହୋଇସାରିଛି। କିନ୍ତୁ ଆବଶ୍ୟକ ବର୍ଷା ହୋଇନାହିଁ। ଖଣି ଓ କାରଖାନା ଯୋଗୁ ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଉଥିବା ମତପ୍ରକାଶ ପାଉଛି। ଜୁନ ମାସରେ ଆବଶ୍ୟକତା ଅନୁସାରେ ବର୍ଷା ହୋଇଥିଲା। ଏହାକୁ ଦେଖି ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଜୁଲାଇରେ ଭଲ ବର୍ଷା ହେବ ବୋଲି ଚାଷୀମାନେ ଆଶା ରଖିଥିଲେ। ବିଡମ୍ବନା ଯେ, ଜୁଲାଇ ୧୩ ତାରିଖ ସୁଦ୍ଧା ମାସର ସ୍ୱାଭାବିକ ବର୍ଷାଠାରୁ ୭୭ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁଲାଇରେ ଯାଜପୁର ଜିଲାରେ ହାରାହାରି ୩୫୦.୯ ମି.ମି. ବର୍ଷା ହେବା କଥା। କିନ୍ତୁ ହୋଇଛି ହାରାହାରି ୯୫.୪୨ ମି.ମି. ବର୍ଷା। ଏହାସହ ଜିଲାରେ ଜଳସେଚନର ଆବଶ୍ୟକ ସୁବିଧା ନାହିଁ। ଏସବୁ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଗତବର୍ଷ ଖରିଫ ଋତୁ ଧାନ ସଂଗ୍ରହ ଆଶାନୁରୂପ ହୋଇଥିଲେ ହେଁ ଅଭାବି ବିକ୍ରୀ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ସେହି କ୍ଷୟକ୍ଷତିର ଭରଣା ପାଇଁ ଚାଷୀ ଚଳିତବର୍ଷ ଅଣ୍ଟା ଭିଡିଥିବାବେଳେ ବର୍ଷାଭାବରୁ ଧାନ କିଆରିର ପଲ୍ଲୀ ପୋଡିଯିବାର ଆଶଙ୍କା ଉପୁଜିଛି। ଜିଲାର କୋରେଇ ବ୍ଲକ ମୂଳାପାଳ ଗ୍ରାମ ପଞ୍ଚାୟତକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ।

ଚଳିତ ଆର୍ଥିକ ବର୍ଷରେ ଯାଜପୁର ଜିଲାରେ ୧,୪୨,୭୫୦ ହେକ୍ଟର ଜମିରେ ଖରିଫ ଚାଷ କାର୍ଯ୍ୟ କରିବାକୁ ନିର୍ଦ୍ଧାରଣ ହୋଇଛି। ସେଥିରୁ ୧ଲକ୍ଷ ୧୭ ହଜାର ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟ ଜମିରେ ଅଣଧାନ ଫସଲ ଚାଷ ହେଉଛି। ମୌସୁମୀ ଆସି ଯାଇଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିନ୍ତୁ ଆବଶ୍ୟକ ପାଣିର ଅଭାବ ଚାଷ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିଛି। ଅଣଜଳସେଚିତ ଅଞ୍ଚଳରେ ତଳି ପକାଇବାରେ ଚାଷୀ ଅନୁକୂଳ ପାଗ ଏଯାବତ୍ ପାଇ ପାରିନାହାନ୍ତି। ସାଧାରଣତଃ ରାଜ୍ୟରେ ଜୁନ ମାସର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ବର୍ଷା ଆରମ୍ଭ ହୋଇଥାଏ। ଏହି ମୌସୁମୀ ବର୍ଷା ଦ୍ୱାରା ଚାଷବାସ କାମ ଚାଲିଥାଏ। କିନ୍ତୁ ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ସମସ୍ତ ଚାଷୀ ଭଲ ବର୍ଷା ଅପେକ୍ଷାରେ ରହିଥିଲେ। ପ୍ରକାଶ ଯେ, ଧାନ ଚାଷ ଜୁନରେ ୨୩୮.୫, ଜୁଲାଇରେ ୩୫୦.୯, ଅଗଷ୍ଟରେ ୩୪୧.୨, ସେପ୍ଟେମ୍ବରରେ ୨୩୮ ମିଲିମିଟର ବର୍ଷା ହେବା ଆବଶ୍ୟକ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଚଳିତବର୍ଷ ଜୁନରେ ସନ୍ତୋଷଜନକ ଭାବେ ହାରାହାରି ୨୫୩.୭୨ ମି.ମି. ବର୍ଷା ହୋଇଥିବାବେଳେ ଜୁଲାଇ ୧୩ ସୁଦ୍ଧା ହାରାହାରି ୯୫.୪୨ ମି.ମି. ବର୍ଷା ହୋଇଛି। ଏଥିରେ ଯାଜପୁର ବ୍ଲକରେ ୯୧ ମି.ମି., ବିଞ୍ଝାରପୁର ବ୍ଲକରେ ୬୫.୪୦, ଦଶରଥପୁରରେ ୧୩୧, କୋରେଇ ବ୍ଲକରେ ୬୧.୨୦, ଦାନଗଦୀରେ ୧୩୯, ସୁକିନ୍ଦାରେ ୧୨୨, ରସୁଲପୁରରେ ୯୧, ଧର୍ମଶାଳାରେ ୬୯, ବଡଚଣାରେ ୧୦୪ ଓ ବରୀ ବ୍ଲକରେ ୮୦.୪୦ ମି.ମି. ବର୍ଷା ରେକର୍ଡ ହୋଇଛି। କୋରେଇ ବ୍ଲକ ଅଧୀନରେ ଥିବା ମୂଳାପାଳ ଗ୍ରାମ ପଞ୍ଚାୟତ ଏକ ଚାଷ ବହୁଳ ଗ୍ରାମ। ଏହି ପଞ୍ଚାୟତର ପ୍ରାୟ ୪ହଜାର ଅଧିବାସୀଙ୍କ ମଧ୍ୟରୁ ୩ ହଜାରରୁ ଊର୍ଦ୍ଧ୍ୱ ଧାନ ଚାଷ କରିଥାନ୍ତି। ଅଣ ଜଳସେଚିତ ଅଞ୍ଚଳ ହୋଇଥିବାରୁ ଗୋଟିଏ ବର୍ଷ ଚାଷ କରି ଯାହା ଉପାର୍ଜନ କରିଥାନ୍ତି, ସେଥିରେ ବର୍ଷ ତମାମ ଗୁଜୁରାଣ ମେଣ୍ଟାଇଥାନ୍ତି। ଏହି ପଞ୍ଚାୟତଟି ସରକାରଙ୍କ ଦୃଷ୍ଟିକୋଣରେ ବନ୍ୟା ପ୍ରପୀଡିତ ଅଟେ। ପ୍ରାୟ ପ୍ରତିବର୍ଷ ଚାଷୀଙ୍କ ଜମିକୁ ବନ୍ୟା ଧୋଇ ନେଇଥାଏ। ଫଳରେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଉଥିବା ମନେହୁଏ। ଚଳିତ ବର୍ଷ ଆଶାଢ ଯାଇ ଶ୍ରାବଣ ମାସ ଆରମ୍ଭ ହେବାକୁ ବସିଛି। ହେଲେ ଜୁଲାଇରେ ଆବଶ୍ୟକ ବର୍ଷାର ଦେଖାନାହିଁ। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ଚାତକ ଭଳି ବର୍ଷାକୁ ଅନାଇ ବସିଛନ୍ତି। କେବେ ବର୍ଷା ହେବ ଏବଂ ଚାଷୀ ଧାନ ରୋଇବେ ତାହା ଚିନ୍ତାରେ ପକାଇଛି। ଗତବର୍ଷ ସାରା କୋରେଇ ବ୍ଲକ ମରୁଡି ଘୋଷଣା ହୋଇଥିବାବେଳେ ମୂଳାପାଳ ଓ ସାଧକପୁର ପଞ୍ଚାୟତକୁ ମରୁଡି ଘୋଷଣାରୁ ବାଦ ଦିଆଯାଇଥିଲା। ଏହି ପଞ୍ଚାୟତ ଦ୍ୱୟର ଚାଷୀ ମରୁଡି ଘୋଷଣା କରିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଏବେ ବର୍ଷାଭାବରୁ ପ୍ରାରମ୍ଭରୁ ମରୁଡି ସମ୍ଭାବନା ଦେଖା ଦେଇଛି। ଆଗକୁ ବର୍ଷା ନ ହେଲେ ଯାଜପୁର ଜିଲାର କୃଷିକ୍ଷେତ୍ର ଉଜୁଡି ଯିବ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

## ଗୋ-ଖାଦ୍ୟ ବଣ୍ଟନରେ ଅନିୟମିତତା

### ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

**ରସୁଲପୁର,୧୩।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ଫନୀ ପ୍ରଭାବିତ ଗୋ ସମ୍ପଦ ପାଇଁ ମେ ମାସରେ ଗୋ-ଖାଦ୍ୟ ରିଲିଫ ଆସିଥିଲା। ଉକ୍ତ ଖାଦ୍ୟକୁ ବଣ୍ଟନରେ ଅନିୟମିତତା ହୋଇଥିଲା। ବ୍ଲକ ଅଧୀନ ୨୮ ପଞ୍ଚାୟତରୁ ୨୪ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ଗୋ-ଖାଦ୍ୟ ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏପରି କି ବ୍ଲକର ୪ ପଞ୍ଚାୟତରେ ଗୋ-ଖାଦ୍ୟ ବଣ୍ଟନ କରାଯାଇ ନ ଥିଲା। ଏ ନେଇ ବାରବାଟୀ ପଞ୍ଚାୟତ ପକ୍ଷରୁ ସମିତି ସଭ୍ୟ ଚୈତନ୍ୟ ନାୟକ ବୁଧବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଶୁକ୍ରବାର ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ସେଠୀ ବାରବାଟୀ ପଞ୍ଚାୟତରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ, ସମିତି ସଭ୍ୟ, ପଶୁ ନିରୀକ୍ଷକ ଓ ସହାୟକଙ୍କୁ ନେଇ ଆଲୋଚନା ହୋଇଥିଲା। ସୋମବାରଠାରୁ ଗୋ-ଖାଦ୍ୟ ବଣ୍ଟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟ ପଞ୍ଚାୟତରେ ମଧ ସୁଚାରୁରୂପେ ଗୋ-ଖାଦ୍ୟ ବଣ୍ଟନ କରାଯିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବ୍ରାହ୍ମଣୀ ପୋଲରୁ ସଫା ହେଲା ଆବର୍ଜନା

**ରସୁଲପୁର,୧୩।୭(ଡି.ଏନ.ଏ.)**



ବ୍ରାହ୍ମଣୀ ପୋଲକୁ ସଫା କରାଯାଉଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ନିକଟ ବ୍ରାହ୍ମଣୀ ନଦୀ ଉପରିସ୍ଥ ପୁରୁଣା ପୋଲ ଉପରୁ ଶନିବାର ଆର୍ବଜନା ସଫା କରାଯାଇଛି। ବିଳମ୍ବରେ ହେଲେ ବି ୧୬ ନଂ. ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

ପୁରୁଣା ପୋଲ ଉପରେ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ବିଶେଷକରି ପୋଲ ଛାତର ଯୋଡେଇ ମୁଣ୍ଡରେ ଫାଟ ଦେଖାଯାଇଛି। ଅଧିକାଂଶ ସ୍ଥାନରେ ଛାତ ଉପରୁ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ପୋଲରୁ ଲୁହା ପ୍ଲେଟ ପଦାକୁ ବାହାରି ଆସିଛି, ଯାହା ଯାତାୟାତରେ ବାଧା ସୃଷ୍ଟି କରୁଛି। ପୋଲର ଦୁଇ ପାର୍ଶ୍ୱରେ ଜମିରହିଥିବା ବାଲିଗୋଡ଼ି ମିଶା ଆବର୍ଜନା ଏହି ସମସ୍ୟାକୁ ଦ୍ୱିଗୁଣିତ କରୁଥିଲା। ଦୀର୍ଘଦିନ ହେବ ପୋଲ ଉପରେ ଆବର୍ଜନା ଗଦା ହୋଇ ରହିବା ଫଳରେ ଏହା ଉପରେ ଅନାବନା ଗଛ ଓ ଘାସ ଉଠିଯାଇଥିଲା। ଅବର୍ଜାନାଗୁଡିକ ରାସ୍ତା ଉଭୟ ପାର୍ଶ୍ୱରୁ ପ୍ରାୟତଃ ୨ ଫୁଟ ଲେଖାଏ ଅଂଶକୁ ମାଡି ଆସିଥିଲା। ଫଳରେ ଯାତାୟାତରେ ବାଧା ଉପୁଜୁଥିଲା। ସାମାନ୍ୟ ବର୍ଷାହେଲେ ଜଳ ନିଷ୍କାସନ ହୋଇ ନ ପାରି ପୋଲ ଉପରେ ପାଣି ଜମି ରହୁଥିଲା। ଭାରିଯାନ ଯାତାୟାତ ସମୟରେ ତିନି ଚକିଆ, ଦୁଇ ଚକିଆ, ସାଇକେଲ ଆରୋହୀ, ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାରା ଅଭିଯୋଗ ପରେ ଶନିବାର ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଳିଆ ଆବର୍ଜନା ସଫା କରାଯାଇଛି। ଫଳରେ ପୋଲ ଉପରିସ୍ଥ ରାସ୍ତାର ଉଭୟ ପାର୍ଶ୍ୱରୁ ଅନ୍ୟୁନ ୫ରୁ ୬ ଫୁଟ ଚଉଡ଼ାର ରାସ୍ତା ବଢିଯାଇଛି।

## ସମବାୟ ସମିତି ସମ୍ପାଦକଙ୍କୁ ଘେରିଲେ ଚାଷୀ

**ବରୀ,୧୩।୭(ସ୍ୱ.ପ୍ର.)**

ଗତ ୭ ତାରିଖରୁ ଧାରପୁର କୃଷି ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ଏହି ମଣ୍ଡିରେ ମୁଗ ବିକ୍ରି କରିବାକୁ ସମିତି ସମ୍ପାଦକ ପ୍ରିୟରଞ୍ଜନ ସାହୁ ଚାଷୀଙ୍କୁ ଅସହଯୋଗ କରୁଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀ ମୁଗ ବିକ୍ରି କରିପାରୁନାହାନ୍ତି। ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିବାକୁ ପଡୁଛି। ସେହିକ୍ରମରେ ଶନିବାର ଚାଷୀମାନେ ମଣ୍ଡିକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ ବିକ୍ରି କରି ନ ପାରିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଚାଷୀମାନେ ସମ୍ପାଦକ ସାହୁଙ୍କୁ ଘେରିଥିବା ଦେଖିବାକୁ ମିଳିଛି। ସମିତି ସଭାପତିଙ୍କ ହସ୍ତକ୍ଷେପ ପରେ ଚାଷୀ ଘେରାଉରୁ ନିବୃତ୍ତ ହୋଇଥିଲେ। ଏ ସଂକ୍ରାନ୍ତରେ ସମ୍ପାଦକ ସାହୁଙ୍କୁ ପଚାରିବାରୁ, ନୂଆକରି କାର୍ଯ୍ୟରେ ଯୋଗଦେଇଛନ୍ତି। ଚାଷୀଙ୍କ ଆଇଡେଣ୍ଟିଟି କାର୍ଡ (ଏଫଆଇସି) ଦେଖିବାକୁ ଚାହୁଁଥିଲେ ବୋଲି କହିଥିଲେ।

## ନକଲି ମୋବିଲ କାରଖାନା ଉପରେ ଚଢ଼ାଉ: ଡ୍ରାଇଭର କୋର୍ଟ ଚାଲାଣ

**ଚଣ୍ଡିଖୋଲ,୧୩।୭(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫ ନଂ. (କ) ଜାତୀୟ ରାଜପଥ କଡ଼ ପତରାଜପୁରଠାରେ ଥିବା ଏକ ନକଲି ମୋବିଲ ତିଆରି କାରଖାନା ଉପରେ ଚଢ଼ାଉ ଘଟଣାରେ ଶନିବାର ପୋଲିସ ଟ୍ୟାଙ୍କର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲା କାଳିଜଙ୍ଗା ଅଞ୍ଚଳର ରଞ୍ଜନ ରାଉତ। ଏ ନେଇ ବାଲିଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ. ୧୬୯/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତ ଅଧିକାରୀ ଏସଆଇ ମନୋଜ କୁମାର ପଣ୍ଡା କହିଛନ୍ତି। ହେଲେ ନକଲି କାରଖାନା ଚଳାଉଥିବା ମାଲିକ ଓ ତାଙ୍କ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ବାଲିଚନ୍ଦ୍ରପୁର ଥାନାଠାରୁ ମାତ୍ର ୧ କି.ମି. ଦୂର ଜାତୀୟ ରାଜପଥ କଡ଼ରେ ଦୀର୍ଘଦିନ ହେଲା ଏହି ନକଲି ମୋବିଲ ତିଆରି କାରଖାନା ଚାଲିଛି। ଖବରପାଇ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲିଚନ୍ଦ୍ରପୁର ପୋଲିସ ଶୁକ୍ରବାର ଉକ୍ତ ନକଲି କାରଖାନା ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଏକ ତେଲ ବୋଝେଇ ଟ୍ୟାଙ୍କର, କାର ଓ ୧୮ ବ୍ୟାରେଲ୍ (୩୬୦୦ ଲିଟର) କିରୋସିନ ଜବତ କରିଥିଲା। ଏଥିସହ ମୋବିଲ ତିଆରିରେ ବ୍ୟବହୃତ ଏକ ଜେନେରଟର, ମୋଟର ପମ୍ପ, ଏକ ପୁରୁଣା ଟାଙ୍କି ଓ ପୋଡ଼ା ମୋବିଲ ମଧ ଜବତ କରିଛି। ତେବେ ନକଲି କାରଖାନା ଚଳାଉଥିବା ମାଲିକ ଜଣଙ୍କ କୋଲକାତାର ମୁନା ଖାଁ ବୋଲି ପୋଲିସ ସୂଚନା ଦେଇଛି।

## ଦଳିତ ମହିଳାଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

### ଏସ୍‌ଡିପିଓଙ୍କ ନିକଟରେ ହେଲେ ଫେରାଦ

**ଯାଜପୁର ଟାଉନ,୧୩।୭(ଡିଏନଏ)**

ଜଣେ ଦଳିତ ମହିଳାଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯିବା ନେଇ ଯାଜପୁର ସଦର ଥାନାରେ ଶନିବାର ଲିଖିତ ଅଭିଯୋଗ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହ ଆସି ଏସ୍‌ଡିପିଓଙ୍କ ନିକଟରେ ଫେରାଦ ହୋଇଛନ୍ତି।

ପ୍ରକାଶ ଯେ, ଯାଜପୁରସଦର ଥାନା ଖାଲପଡା ଗ୍ରାମର ଜଳଧର ମଲ୍ଲିକ ଦୀର୍ଘବର୍ଷ ଧରି ଏକ ସରକାରୀ ଜାଗାରେ ନିଜ ପରିବାରକୁ ନେଇ ଘର କରି ରହିଆସୁଛନ୍ତି। ଗତ ୧୧ତାରିଖ ଉକ୍ତ ଗ୍ରାମର ଆଲୋକ ନାୟକ ଓରଫ ବାଟାଲି ହଠାତ୍ ସେଠାରେ ପହଞ୍ଚି ଜଳଧରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତୁରନ୍ତ ଘରଭାଙ୍ଗି ସେହି ସ୍ଥାନରୁ ପଳାଇ ଯିବା ପାଇଁ କହିଥିଲେ। ଏହାକୁ ଜଳଧର ବିରୋଧ କରିବାରୁ ତାଙ୍କ ଭାଇ ଭୁଜ ନାୟକ, ଦୁର୍ଯ୍ୟୋଧନ ବିଶ୍ୱାଳ, ଶୋଭା ନାୟକ ଓ ଦିପୁ ନାୟକ ସଂଘବଦ୍ଧ ଭାବେ ଜଳଧରଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏହି ଗଣ୍ଡଗୋଳ ସମୟରେ ଭୁଜ ନାୟକ ଏକ ମାରଣାସ୍ତ୍ର ସାହାଯ୍ୟରେ ଜଳଧରଙ୍କୁ ଆକ୍ରମଣ କରିଥିଲେ। ପୁନର୍ବାର ଭୁଜ ଆକ୍ରମଣ କରିବା ସମୟରେ ଜଳଧରଙ୍କ ସ୍ତ୍ରୀ ରୁକ୍ମଣୀ ଅଟକାଇବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପରେ ଭୁଜ ରକ୍ମଣୀଙ୍କ ମୁଣ୍ଡକୁ ଖଣ୍ଡାରେ ୩ ଚୋଟ ପକାଇ କ୍ଷତବିକ୍ଷତ କରିଦେଇଥିବା ଯାଜପୁରସଦର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୧୨୩/୧୯) ରୁଜୁ କରି ଚୁପ୍ ବସିଯାଇଥିବାରୁ ରୁକ୍ମଣୀ ଶନିବାର ଏ ସମ୍ପର୍କରେ ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନାଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଯାଜପୁର ସହରରେ ହେବ ମେଡିକାଲ କଲେଜ

# ସହରବାସୀଙ୍କ ମଧ୍ୟରେ ଖୁସିର ଲହରି

**ଯାଜପୁର ଟାଉନ,୧୩।୭(ଡିଏନଏ)**

ବହୁ ପ୍ରତୀକ୍ଷିତ ଯାଜପୁର ମେଡିକାଲ କଲେଜକୁ କେନ୍ଦ୍ରୀୟ ଅନୁମୋଦନ ମିଳିଛି। ଜିଲାବାସୀଙ୍କର ଏହି ସ୍ୱପ୍ନର ପ୍ରକଳ୍ପକୁ ସ୍ୱୀକୃତି ମିଳିଥିବାରୁ ଯାଜପୁର ସହର ସମେତ ସମଗ୍ର ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ସାଙ୍ଗକୁ ସ୍ଥାନୀୟ ଜନସାଧାରଣଙ୍କର ଏ କ୍ଷେତ୍ରରେ ଅକୁଣ୍ଠ ସମର୍ଥନ ରହିଆସିଥିଲା। ମେଡିକାଲ କଲେଜ ସ୍ଥାପନ ପାଇଁ ଅନ୍ୟ ୪/୫ଟି ଜିଲା ଦାବିଦାର ରହିଥିବାବେଳେ ଯାଜପୁର ଜିଲା ହିଁ ସଫଳତା ହାତେଇ ପାରିଲା। ଜିଲା ସଦର ମହକୁମାରେ ଜିଲା ହସ୍ପିଟାଲ ରହିଥିବାବେଳେ ଏହାର ଆଖପାଖ ୫କି.ମି. ମଧ୍ୟରେ ହିଁ ମେଡିକାଲ କଲେଜ ସ୍ଥାପନ ହୋଇପାରିବାର ନିୟମ ରହିଛି। ଭାରତ ସରକାରଙ୍କ ପ୍ରତିନିଧି ଦଳ ଇତି ମଧ୍ୟରେ ଯାଜପୁର ଆସି ଏଠାର ସମସ୍ତ ଭିତିଭୂମିକୁ ଭଲ ଭାବେ ପରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ଦେବା ପରେ ଶେଷରେ ଏହି ମେଡିକାଲ କଲେଜକୁ ଅନୁମୋଦନ ମିଳିଛି। ଗତବର୍ଷ ଜୁନ ୨୮ରେ ମୁଖ୍ୟମନ୍ତ୍ରୀ ଏଠାରେ ମେଡିକାଲ କଲେଜ ସ୍ଥାପନ ନେଇ ଘୋଷଣା କରିଥିଲେ। ଉକ୍ତ ମେଡିକାଲ କଲେଜ ସ୍ଥାପନ ହେବା ପରେ ପଡୋଶୀ ଭଦ୍ରକ, କେନ୍ଦୁଝର, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦ୍ରାପଡା, ଢେଙ୍କାନାଳ ଜିଲାବାସୀ ମଧ ଏହା ଦ୍ୱାରା ଉପକୃତ ହୋଇପାରିବେ। ୧୬ନଂ ଜାତୀୟ ରାଜପଥରୁ ଏହି ସହରକୁ ବିଭିନ୍ନ ଆଡୁ ୫ଟି ରାସ୍ତା ସଂଯୋଗ କରୁଛି। ତନ୍ମଧ୍ୟରୁ ୩ଟି ପ୍ରମୁଖ ରାସ୍ତାକୁ ୪ ଥାକିଆ ଓ ପରବର୍ତ୍ତୀ ସମୟରେ ୬ ଥାକିଆ କରାଯାଉଛି। ସେହିଭଳି ଭଦ୍ରକ ଓ କେନ୍ଦ୍ରାପଡା ଜିଲାରୁ ମଧ ଏହି ସହରକୁ ରହିଥିବା ଗମନାଗମନ ବ୍ୟବସ୍ଥାକୁ ବ୍ୟାପକ କରାଯିବାକୁ ଉଦ୍ୟମ ଚାଲିଛି। ଏହାଦ୍ୱାରା ଉପରୋକ୍ତ ଅଞ୍ଚଳର ରୋଗୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ହେବାକୁ ଯାଉଥିବା ମେଡିକାଲ କଲେଜ ତଥା ଅତ୍ୟାଧୁନିକ ଡାକ୍ତରଖାନା ଦ୍ୱାରା ଉପକୃତ ହୋଇପାରିବେ। ଏଭଳି ଏକ ଖବର ଶୁକ୍ରବାର ଜଣାପଡିବା ପରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର ଲୋକ ବ୍ୟାନର ଧରି ସହରର କେନ୍ଦ୍ରସ୍ଥଳ ଗାନ୍ଧୀଛକଠାରେ ଏକାଠି ହୋଇଥିଲେ। ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ତଥା ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଓ ପୂର୍ବତନ ଉପାଧ୍ୟକ୍ଷ ବିଜୟ ମହାନ୍ତି, ଦିଗମ୍ବର କର, ସନ୍ତୋଷ କୁମାର ମଲ୍ଲିକ, ଆଇନଜୀବି କିଶୋର କର, ରାଜୀବ ମହାନ୍ତି, ଦୀପ୍ତିରଞ୍ଜନ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ରଞ୍ଜିତ କୁମାର ଧଳ, ରୁଦ୍ରନାରାୟଣ ମହାନ୍ତିଙ୍କ ସମେତ ଅନେକ ନେତୃବୃନ୍ଦ ଓ ବରିଷ୍ଠ ନାଗରିକ ଦଳମତ ନିର୍ବିଶେଷରେ ଯୋଗଦେଇ ଏହି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବିଧାୟକ ଦାସ ଓ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଉଥିବା ବେଳେ କେତେକ ମଧ ବାଣ ଫୁଟାଇ ଖୁସି ମନାଇଥିଲେ।

## କାଳିଆ ନିକଟରେ ଅଧିଆ ପଡ଼ିଲେ ଚାଷୀ

**ବରୀ,୧୩।୭(ସ୍ୱ.ପ୍ର.)**

**କାଳିଆ ଯୋଜନାରୁ ବଞ୍ଚିତ**

କୃଷକଙ୍କୁ ପ୍ରୋତ୍ସାହନ ଯୋଗାଇଦେବାକୁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ରୁଦ୍ରପୁର ପଞ୍ଚାୟତର କୃଷକ ଶୁକ୍ରବାର ବାହୁଡ଼ାରେ କାଳିଆଙ୍କ ପାଖରେ ଗୁହାରି ଜଣାଇଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ବରିଷ୍ଠ ନାଗରିକ ପ୍ରଭାତ ପାଣିଙ୍କ ନେତୃତ୍ୱରେ ଶତାଧିକ କୃଷକ ରଥ ବାହାରୁଥିବା ସମୟରେ ଚକ ତଳେ ଅଧିଆ ପଡ଼ି କାଳିଆ ଯୋଜନାରେ ପ୍ରୋତ୍ସାହନ ରାଶି ମିଳିଯାଉ ବୋଲି ଗୁହାରି କରିଛନ୍ତି।

ବରୀ ନିର୍ବାଚନମଣ୍ଡଳୀରେ ୪୭ ପଞ୍ଚାୟତ ରହିଛି। ଏହି ଯୋଜନାରେ ୧ ଲକ୍ଷ କୃଷକ ଆବେଦନ କରିଥିଲାବେଳେ ମାତ୍ର ୧୮ ହଜାର କୃଷକ ଅନ୍ତର୍ଭୁକ୍ତ ହୋଇ ଅର୍ଥରାଶି ପାଇଥିବା ଜଣାପଡ଼ିଛି। ବିଶେଷକରି ରୁଦ୍ରପୁର ପଞ୍ଚାୟତର ୮୦ ଭାଗ କୃଷକ କାଳିଆ ଯୋଜନାରେ ଆବେଦନ କରିଥିଲାବେଳେ ୧୦ ଭାଗ କୃଷକଙ୍କୁ ଅର୍ଥରାଶି ମିଳିଛି। ଏ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ବରିଷ୍ଠ ନାଗରିକ ପ୍ରଭାତ ପାଣି ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖିଥିବା କହିଛନ୍ତି। ସେହିପରି ବରୀ ବ୍ଲକରେ ୨୯ ପଞ୍ଚାୟତ ରହିଥିଲାବେଳେ ୫୦ ହଜାର କୃଷକ ଆବେଦନ କରିଥିଲେ। ସେଥିରୁ ମାତ୍ର ୧୫ ହଜାର ୮୮ ଜଣଙ୍କୁ କାଳିଆ ଯୋଜନାରେ ଅର୍ଥ ମିଳିଛି। କାଳିଆ ଯୋଜନାରୁ ବଞ୍ଚିତ କୃଷକମାନେ ଅର୍ଥରାଶି ପାଇବାକୁ ଚାହିଁ ବସିଛନ୍ତି। ଅପରପକ୍ଷରେ ବରୀ ବ୍ଲକରେ ଖରିଫ ଋତୁରେ ୫୦ ହେକ୍ଟର ଜମିରେ ଧାନ ଫସଲ କରାଯାଇଥିଲା। ଫସଲ ଭଲ ହୋଇ ନ ଥିବାରୁ କୃଷକଙ୍କ ମଧ୍ୟରେ ଭାଲେଣି ପଡ଼ିଯାଇଛି। ଏହି ଯୋଜନାରେ ଅର୍ଥ ପାଇଥିଲେ ସାହୁକାରଙ୍କଠାରୁ ଆଣିଥିବା କୃଷି ଋଣ ସୁଝିଥାଆନ୍ତେ ବୋଲି କେତେଜଣ କୃଷକ କହିଛନ୍ତି। ଏ ସଂକ୍ରାନ୍ତରେ ବରୀ ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ, କୃଷକଙ୍କୁ ଚିହ୍ନଟ କରାଯାଇ ନିଶ୍ଚୟ ଅର୍ଥରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨.୪୮ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**ଯାଜପୁର ଟାଉନ,୧୩।୭(ଡିଏନଏ)**




ଜିଲାଜଜ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତ।

ଯାଜପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲାଜଜ୍ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୪୦ଟି ମାମଲା ଫଇସଲା ହୋଇ ୨କୋଟି ୪୮ ଲକ୍ଷ ୬୯ ହଜାର ୬୯୧ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି। ୫୪ଟି ମୋଟର ଦୁର୍ଘଟଣା ମାମଲା, ୩୪ଟି ଦେୱାନୀ, ୨ଟି ଫୌଜଦାରୀ, ୧୭ଟି ପାରିବାରିକ ମାମଲା ଫଇସଲା ହୋଇଛି। ଏହାଛଡା ୧୪୬ଟି ବ୍ୟାଙ୍କ୍ ମାମଲା ଫଇସଲା ହୋଇ ମୋଟ ୩୩ଲକ୍ଷ ୮୩ହଜାର ୪୫୩ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲାଜଜ୍ ବିରଞ୍ଚି ନାରାୟଣ ମିଶ୍ର ଉଦ୍‌ଘାଟନ କରିଥିବାବେଳେ ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ପ୍ରଦୀପ କୁମାର ବେହେରା ପରିଚାଳନା କରିଥିଲେ। ପରିବାର ଅଦାଲତର ବିଚାରପତି ପବିତ୍ରମୋହନ ସାମଲ ଅତିରିକ୍ତ ଜିଲାଜଜ୍ ପ୍ରଶାନ୍ତ କୁମାର ନାୟକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଜୀବନାନନ୍ଦ ପାଢୀ, ବରିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ବେହୁରା, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସରିତା ମହାନ୍ତି, ରେଜିଷ୍ଟ୍ରାର ସୁଷମା ସ୍ୱାଇଁ, ଏସ୍‌ଡିଜେଏମ୍ ସୁନନ୍ଦା ସାହୁ, ମୁନ୍‌ସଫ୍ ଦେବୀ ଜ୍ୟୋତି ମହାପାତ୍ର, ଜେଏମ୍‌ଏଫ୍‌ସି ଗୌରୀଶଙ୍କର ପଣ୍ଡା ଓ ଅନ୍ୟାନ୍ୟ ବିଚାରପତି ଯୋଗଦେଇ ମାମଲାଗୁଡିକ ଫଇସଲା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ରବିବାର, ଜୁଲାଇ ୧୪/୨୦୧୯ | Bhubaneswar, Sunday, July 14/ 2019

# ସୁନାବେଶରେ ଝଲସିଲେ ଦାରୁଦିଅଁ



ନାଉଗାଁ ବ୍ଲକ ସରାପ୍ରେଚ୍ଛିତ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମ ଓ କୁଜଙ୍ଗରେ ଶ୍ରୀଜୀଉମାନଙ୍କ ସୁନାବେଶ।

**ନାଉଗାଁ/କୁଜଙ୍ଗ,୧୩।୭(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରାପ୍ରେଚ୍ଛିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟା ଆଳତି ପରେ ତିନି ରଥରେ ସେବାୟତମାନେ ଶ୍ରୀଜୀଉମାନଙ୍କୁ ସୁବର୍ଣ୍ଣ ପୟର, ଭୁଜ ଓ ମୁକୁଟ ଆଦି ଲଗାଇଥିଲେ। ଜଗନ୍ନାଥଙ୍କ ହସ୍ତରେ ଶଙ୍ଖ, ଚକ୍ର ଶୋଭାପାଉଥିବା ବେଳେ ବଳଭଦ୍ରଙ୍କ ହସ୍ତରେ ହଳ, ମୂଷଳ ଓ ମା ସୁଭଦ୍ରାଙ୍କ ହସ୍ତରେ ତଡଗୀ ଶୋଭା ପାଇଥିଲା। ଶନିବାର ସନ୍ଧ୍ୟାରେ ଅଧରପଣା ଭୋଗ କରାଯାଇଥିଲା। ରବିବାର ଶ୍ରୀ ଜୀଉଙ୍କ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ଅନ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ଗାରୋଇ ଗୋବର୍ଦ୍ଧନ ପୀଠରେ ସୁନା ବେଶ ଓ ଅଧରପଣା ନୀତି ଅନୁଷ୍ଠିତ ହୋଇଛି। ସୁଭଦ୍ରା କ୍ଷେତ୍ର ଗଡ଼କୁଜଙ୍ଗରେ ପ୍ରଭୁ କୁଞ୍ଜବିହାରୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। କୁଜଙ୍ଗ ତାଳଦଣ୍ଡାଠାରେ ରଥ ଉପରେ ତିନି ଠାକୁରଙ୍କ ସୁନାବେଶ ହୋଇଥିଲା। ଠାକୁର ରାଜା ସୁଦର୍ଶନ ମୁଦୁଲି, କଲୋନେଲ ରମେଶ ଦାସ, କ୍ୟାପ୍‌ଟେନ୍ ସଞ୍ଜୀବ କୁମାର ମଦୁଲି, ଛାତ୍ର ନେତା କାଳିପ୍ରସାଦ ମୁଦୁଲିଙ୍କ ସହ ଗ୍ରାମର ସମସ୍ତ ମୁରବୀ ଉପସ୍ଥିତ ଥିଲେ। ରଙ୍ଗିଆଗଡ, ଗଣ୍ଡକୀପୁର ଆଦି ଅଞ୍ଚଳରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି।

# ବନ୍ଦର ଲାଭ ପାଇଁ ଜନସ୍ୱାର୍ଥକୁ ବଳି

**କୁଜଙ୍ଗ,୧୩।୭(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଭୁତମୁଣ୍ଡାଇଠାରେ ଏକ ଅତ୍ୟାଧୁନିକ ଡାକ୍ତରଖାନା ନିର୍ମାଣ ପାଇଁ ସମସ୍ତ ବର୍ଗର ଲୋକ ଦାବି କରି ଆସୁଥିବାବେଳେ ସେହି ସ୍ଥାନରେ ପାରାଦୀପ ବନ୍ଦର ସୁରୁଖୁରୁରେ ପଣ୍ୟ କାରବାର କରିବା ନିମନ୍ତେ ୧୦ ହଜାର ଟ୍ରକ ରହିବା ଭଳି ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। ବନ୍ଦର ଦ୍ୱାରା ନିଯୁକ୍ତ ଠିକାଦାର ଉକ୍ତ ସ୍ଥାନରେ ବାଲି ପକାଇବାକୁ ଉଦ୍ୟମ କରିବାବେଳେ ଆଖପାଖ ଗ୍ରାମର ବହୁ ସଂଖ୍ୟକ ମହିଳା ପୁରୁଷ ଏକାଠି ହୋଇ ବିରୋଧ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ସରକାରୀ ଭାବେ ଟ୍ରକ୍ ଟର୍ମିନାଲ ଯେଉଁ ସ୍ଥାନରେ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା, ବର୍ତ୍ତମାନ ସେହି ନିର୍ଦ୍ଧାରିତ ସ୍ଥାନ ବଦଳରେ ଅନ୍ୟ ଏକ ଜନବସତି ଅଞ୍ଚଳରେ ନିର୍ମାଣ କରିବାକୁ ଉଦ୍ୟମ ଚାଲିଛି। କୁହାଯାଉଛି ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବ୍ୟୟବରାଦ ବଢ଼ିଯାଇଥିବାରୁ ବନ୍ଦରକୁ ମୁନାଫା ଦେବାକୁ ଯାଇ ଏଭଳି କରାଯାଉଛି। ଏହା ଦ୍ୱାରା ଭବିଷ୍ୟତରେ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସୃଷ୍ଟି ହେବ ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥ ବଳି ପଡ଼ିବ ବୋଲ ବୁଦ୍ଧିଜୀବୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୨ରେ ପିଡିଏ(ପାରାଦୀପ ଡେଭ୍‌ଲପ୍‌ମେଣ୍ଟ ଅଥରିଟି)ର ଅଧ୍ୟକ୍ଷ ଅତିରିକ୍ତ ଜିଲାପାଳ ଭୁତମୁଣ୍ଡାଇ, ବିଶ୍ୱାଳି ଓ ତତ୍‌ସଂଲଗ୍ନ ୫ ପଞ୍ଚାୟତର ଜନପ୍ରତିନିଧିଙ୍କୁ ନେଇ ପାରାଦୀପ କାର୍ଯ୍ୟାଳୟଠାରେ ଏକ ବୈଠକ କରିଥିଲେ। ଏଥିରେ ୨୦୩୦ ପର୍ଯ୍ୟନ୍ତ ପାରାଦୀପରୁ କୁଜଙ୍ଗ ଓ ଭୁତମୁଣ୍ଡାଇ ସଂଲଗ୍ନ ୨୦ କିମି ପରିସରରେ ଅନେକ ବିକାଶମୂଳକ କାର୍ଯ୍ୟ କରିବାକୁ ଯୋଜନା ହୋଇଥିଲା। ଭୁତମୁଣ୍ଡାଇର ତାଳଦଣ୍ଡା କେନାଲ ଦକ୍ଷିଣପାର୍ଶ୍ୱ ପୁରୁଣା ମହିଳା କଲେଜ ନିକଟରେ ବସ୍‌ଷ୍ଟାଣ୍ଡ ଓ ଅନ୍ୟାନ୍ୟ ପ୍ରକଳ୍ପ କରିବାକୁ ସ୍ଥିର ହୋଇଥିଲା। କେନାଲର ଉତ୍ତରପାର୍ଶ୍ୱରେ ଥିବା ୬୫ ଏକର ସରକାରୀ ଜମିରେ ଟ୍ରକ୍ ଟର୍ମିନାଲ ପାଇଁ ନକ୍ସା ପ୍ରସ୍ତୁତ କରି ପଞ୍ଚାୟତ ପ୍ରତିନିଧିମାନଙ୍କୁ ଦିଆଯାଇଥିଲା। ତେବେ ବନ୍ଦର କର୍ତ୍ତୃପକ୍ଷ ୨୦୧୮ରେ ଟ୍ରକ୍ ଟର୍ମିନାଲ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ କରି ୨୦୧୯ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ବେଳକୁ ପ୍ରସ୍ତାବିତ ସ୍ଥାନ ବଦଳାଇ ଦିଆଯାଇଛି। ବନ୍ଦର କର୍ତ୍ତୃପକ୍ଷ, ପ୍ରଶାସନ ଓ ଠିକାଦାରଙ୍କ ମିଳିତ ଉଦ୍ୟମରେ ଏଭଳି କରାଯାଇଥିବା କୁହାଯାଉଛି। ପାରାଦୀପ ବନ୍ଦରକୁ ଭିତ୍ତିକରି ବହୁ ଶିଳ୍ପ ସଂସ୍ଥା ଗଢିଉଠିବା ଫଳରେ ସ୍ଥାନୀୟ ଅଞ୍ଚଳର ଚାଷଜମି ୯୦ ପ୍ରତିଶତ ହ୍ରାସ ପାଇଛି। ଶିଳ୍ପ କାରଖାନାର ପ୍ରଦୂଷଣ ଯୋଗୁ ସ୍ଥାନୀୟ ଲୋକେ କ୍ୟାନ୍‌ସର ଓ ଅନ୍ୟାନ୍ୟ ରୋଗର ଶିକାର ହେଉଛନ୍ତି। ତେଣୁ ଏଠାରେ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦାବି ହେଉଛି। ବିଭିନ୍ନ ଗ୍ରାମବାସୀଙ୍କୁ ନେଇ ଗଠିତ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଏନେଇ ବର୍ଷେ ହେଲା ଆନ୍ଦୋଳନ ଚାଲିଛି। କିନ୍ତୁ ଏହାକୁ ଅଣଦେଖା କରାଯାଇ ବନ୍ଦରର ଲାଭ ପାଇ ଜନସ୍ୱାର୍ଥକୁ ବଳି ପକାଇବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭୁତମୁଣ୍ଡାଇର ତତ୍କାଳୀନ ସରପଞ୍ଚ ସଞ୍ଜୟ ସ୍ୱାଇଁ କୁହନ୍ତି, ୨୦୧୨ରେ ପ୍ରଶାସନ ଆମକୁ ଡାକି ଯେଉଁ ନକ୍ସା ଦେଇଥିଲା, ଏବେ ତାହାର ବ୍ୟତିକ୍ରମ ଘଟୁଛି। ମରିବୁ ପଛେ ଲୋକଙ୍କ ଚଳପ୍ରଚଳ ଓ ଉନ୍ନୟନ ପାଇଁ ସଂରକ୍ଷିତ ଜମିକୁ ଆମେ ଏକ ପ୍ରଦୂଷଣ ଯୁକ୍ତ ପ୍ରକଳ୍ପ ପାଇଁ ଦେବୁନାହିଁ। ସୁରକ୍ଷା ସମିତି କର୍ମକର୍ତ୍ତାମାନେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଭେଟି ଟ୍ରକ ଟର୍ମିନାଲ ବିରୋଧରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ସରଜମିନ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଖଣ୍ଡପଡ଼ା: ପତିତପାବନଙ୍କ ସୁନାବେଶ



**ଖଣ୍ଡପଡା,୧୩।୭ (ସ୍ୱ.ପ୍ର.):** ପାରମ୍ପରିକ ପ୍ରଥା ଅନୁଯାୟୀ ଗଡ଼ଜାତ ଖଣ୍ଡପଡ଼ା ସହରାଞ୍ଚଳରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ୩ଦିନ ଧରି ଅନୁଷ୍ଠିତ ହୋଇଥାଏ। ଶନିବାର ଦ୍ୱିତୀୟ ଦିବସରେ ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନ ୪ଟାରେ ରଥାରୂଢ଼ ବିଗ୍ରହଙ୍କ ପହୁଡ଼ ଫିଟିବା ପରେ ଅଧାବାଟରେ ଅଟକି ରହିଥିବା ୨ ରଥକୁ ଶ୍ରଦ୍ଧାଳୁମାନେ ଖଣ୍ଡପଡ଼ା ବଜାର ପର୍ଯ୍ୟନ୍ତ ଟାଣିନେଇଥିଲେ। ସେଠାରେ ଏକକ ଜଗନ୍ନାଥ ବା ପତିତପାବନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏକାଦଶୀ ତିଥି ଥିବାରୁ ସନ୍ଧ୍ୟା ସମୟରେ ରଥାରୂଢ଼ ବିଗ୍ରହଙ୍କ ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ରଥ ସମ୍ମୁଖରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀବିଗ୍ରହଙ୍କ ନିକଟରେ ଅଧରପଣା, ଖଜା, ପୋଡ଼ପିଠା ଆଦି ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରବିବାର ଲକ୍ଷ୍ମୀନାରାୟଣ ଭେଟ ସହ ବାହୁଡ଼ାଯାତ୍ରା ଶେଷ ହେବ ବୋଲି ରଥଯାତ୍ରା କମିଟି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ ଖଣ୍ଡପଡା ପକ୍ଷରୁ ଶୁକ୍ରବାର ଢୁମ୍ପା ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ଶନିବାର ଠାକୁରଙ୍କ ସୁନାବେଶ ଅବସରରେ ପସିବିଲିଟି ଗ୍ରୁପ ଅଫ୍ ମ୍ୟୁଜିକ ଭୁବନେଶ୍ୱର ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

### ୧୫ରେ ଦଶପଲ୍ଲା ବନ୍ଦ ଡାକରା

**ଦଶପଲ୍ଲା,୧୩।୭ (ଡି.ଏନ.ଏ.):** ଦଶପଲ୍ଲା ଉପକାରାଗାରକୁ ବାଳ ଅପରାଧୀମାନଙ୍କ ସୁରକ୍ଷିତ ସ୍ଥାନ ଭାବେ ଘୋଷଣା ଓ ଉପକାରାଗାରର ଅନ୍ତେବାସୀଙ୍କ ନୟାଗଡ଼ ଉପକାରାଗାରକୁ ସ୍ଥାନାନ୍ତର ବିରୋଧରେ ଆସନ୍ତା ୧୫ରେ ଦଶପଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଧାରଣା ସହ ଦଶପଲ୍ଲା ବନ୍ଦ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଦାନ କରାଯାଇଛି। ଉପକାରାଗାର ସ୍ଥାନାନ୍ତରିତ ନେଇ ବିଭିନ୍ନ ସଂଗଠନ ତରଫରୁ ଧାରଣା ସହ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପରେ କୌଣସି ପ୍ରତିକାର ନ ହେବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଓକିଲ ସଂଘ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଶନିବାର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସ୍ଥାନାନ୍ତରକୁ ନେଇ ସଦସ୍ୟମାନେ ବିରୋଧ କରିଥିଲେ। କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ୧୫ ତାରିଖ ଦଶପଲ୍ଲା ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଯଦି ଏହାର କୌଣସି ପ୍ରତିକାର ନ ହୁଏ ତେବେ ୧୬ ତାରିଖ ଠାରୁ ଉପକାରାଗାର ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ତରଫରୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।

### ଜହ୍ନ ରାଇଜରେ କରିଛି ଘର ମଞ୍ଚସ୍ଥ

**ଖଣ୍ଡପଡ଼ା,୧୩।୭ (ସ୍ୱ.ପ୍ର.):** ଖଣ୍ଡପଡ଼ାଠାରେ ବାହୁଡା ଯାତ୍ରା ଅବସରରେ ଶୁକ୍ରବାର ବିଳମ୍ବିତ ରାତିରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଜହ୍ନ ରାଇଜରେ କରିଛି ଘର' ନାଟକ ମଞ୍ଚସ୍ଥ ହୋଇଯାଇଛି। ରାମଚନ୍ଦ୍ର ଦାଶ ଏହାର ନିର୍ଦ୍ଦେଶନା ଦେଇଥିଲେ। ସ୍ଥାନୀୟ ମା'ଢୁମାଲୁଣୀ ଯୁବକ ସଂଘ ଆନୁକୂଲ୍ୟରେ ୧୪ତମ ପବିତ୍ର ବାହୁଡା ଯାତ୍ରା ଅବସରରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୋପୀନାଥ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଏନ୍ଏସି ଅଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ମୁଖ୍ୟଅତିଥି ଓ ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖା ସଭାପତି ଅଖିଳ କୁମାର ମହାରଣା ମୁଖ୍ୟବକ୍ତା ଓ ଶିଶୁ କବି କାଶୀନାଥ ଦାସ, ହରିହର ମହାପାତ୍ର, ରଙ୍ଗନିଧି ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

■ ରଣପୁର ବାହୁଡାଯାତ୍ରାରେ ଅପ୍ରୀତିକର ପରିସ୍ଥିତି

# ସେବାୟତ-ଦେବୋତ୍ତର ବିଭାଗ ମୁହାଁମୁହିଁ

**ରଣପୁର,୧୩।୭ (ସ୍ୱ.ପ୍ର.)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଘୋଷ ଯାତ୍ରାର ନବଦିନାତ୍ମକ ଯାତ୍ରା ଶେଷକରି ଶୁକ୍ରବାର ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ବାହାରିଥିବା ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ସମସ୍ତ କାର୍ଯ୍ୟ ଡେରି ହୋଇ ରାତ୍ର ହୋଇଯିବାରୁ ଠାକୁରଙ୍କ ରଥଟଣା ବନ୍ଦ ହୋଇଥିଲା। ଶନିବାର ସେବାୟତ ଓ ଦେବୋତ୍ତର ବିଭାଗର ସମନ୍ୱୟ ଅଭାବରୁ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ରଥ ଉପରୁ ଚାରମାଳ ଖୋଲାକୁ ନେଇ ସେବାୟତ ଓ ପୂଜାପଣ୍ଡାମାନେ ଠାକୁରଙ୍କୁ ରଥ ଉପରେ ଛାଡି ପଳାଇ ଆସିଥିଲେ।

ସ୍ଥାନୀୟ ପ୍ରଶାସନ ଓ ଦେବୋତ୍ତର ବିଭାଗ ତରଫରୁ ସମସ୍ତ ନୀତିକାନ୍ତି କରାଯାଇ ରଥ ଉପରେ ତିନି ଠାକୁରଙ୍କୁ ରୁପା ବେଶ କରାଯାଇ ସକାଳ ୧୦ଟାରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିନେଇ ସିଂହଦ୍ୱାରରେ ପହଞ୍ଚାଇଥିଲେ । ସେହିପରି ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣିଥିଲେ। ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ଟାଣିବା ପାଇଁ ରଥରେ ଘୋଡା ଯୋଚାଯାଇ ଦଉଡି ସଂଯୋଗ କରାଯାଇଥିଲା। ରଥରେ କୌଣସି ପୂଜାପଣ୍ଡା ସେବାୟତ ନ ଥିବାରୁ ରଥଟଣା କାର୍ଯ୍ୟ ଦେବୋତ୍ତର ବିଭାଗ କରିପାରି ନ ଥିଲେ।



ନନ୍ଦିଘୋଷ ରଥରେ ସେବାୟତ ନାହାନ୍ତି।

ସୂଚନାଯୋଗ୍ୟ ପ୍ରତିବର୍ଷ ବାହୁଡା ଯାତ୍ରାରେ ଦୁଇଟି ରଥ ଟଣାଯାଇ ସିଂହଦ୍ୱାର ନିକଟକୁ ନିଆଯାଉଥିଲା ବେଳେ ନନ୍ଦିଘୋଷ ରଥକୁ ସେହିଦିନ ଟଣାଯାଏ ନାହିଁ। ରଥ ଉପରକୁ ଯିବାକୁ ଚାରମାଳ ମଧ୍ୟ ଖୋଲାଯାଏ ନାହିଁ। ଫଳରେ ଭକ୍ତମାନେ ପବିତ୍ର ଏକାଦଶୀରେ କାଳିଆ ଠାକୁରଙ୍କୁ ରୁପା ବେଶରେ ରଥ ଉପରକୁ ଯାଇ ଦର୍ଶନ କରନ୍ତି। ପୂଜା ପଣ୍ଡାମାନେ ଭକ୍ତମାନଙ୍କ ଦାନ ଦକ୍ଷିଣାରୁ କିଛି ରୋଜଗାର ମଧ୍ୟ କରନ୍ତି। କିନ୍ତୁ ଚଳିତବର୍ଷ ଏକାଦଶୀ ତିଥିରେ ଦେବୋତ୍ତର ବିଭାଗ ତରଫରୁ

**ରଥରେ ଠାକୁରଙ୍କୁ ଛାଡି ଓହ୍ଲାଇପଡିଲେ ସେବାୟତ**



ରଥରୁ ଓହ୍ଲାଇ ସେବାୟତମାନେ ତଳେ ବସି ରହିଛନ୍ତି।

ସକାଳ ୧୦ଟାରୁ ଚାରମାଳ ରଥରୁ ଖୋଲା ଯିବାରୁ ରଥ ଉପରକୁ ଭକ୍ତମାନେ ଚଢିପାରି ନ ଥିଲେ। ଫଳରେ ସେବାୟତ ଓ ପୂଜାପଣ୍ଡାମାନେ ଭକ୍ତମାନଙ୍କ ଦାନ ଦକ୍ଷିଣାରୁ ବଞ୍ଚିତ ହୋଇଥିଲେ। ଏହାକୁ ବିରୋଧ କରି ନନ୍ଦିଘୋଷ ରଥର ସମସ୍ତ ପୂଜାପଣ୍ଡା ଓ ସେବାୟତ ଠାକୁରଙ୍କ ସେବାକାର୍ଯ୍ୟ ଛାଡି ରଥ ଉପରୁ ପଳାଇ ଆସିଥିଲେ । ରଥ ଉପରେ ଏକୁଟିଆ କାଳିଆ ଠାକୁର ବସି ରହିଥିଲେ। ଏଭଳି ଘଟଣା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଦେଇଛି । ଘଟଣାକୁ ନେଇ ଥାନା ପରିସରରେ ଦେବୋତ୍ତର ବିଭାଗ, ସେବାୟତ ଓ ସାଧାରଣ ଲୋକଙ୍କୁ ନେଇ ଆଲୋଚନା କରାଯାଇଥିଲେ ମଧ୍ୟ ସମାଧାନର ବାଟ ବାହାରିପାରି ନ ଥିଲା। ଏ ସମ୍ପର୍କରେ ରଣପୁର ତହସିଲଦାର ଓ ଦେବୋତ୍ତର ବିଭାଗ ଅଧିକାରୀ ସୁଶାନ୍ତ କୁମାର ପତି କୁହନ୍ତି, ଦୁଇଟି ରଥ ସିଂହ ଦ୍ୱାରରେ ଲାଗିଲା ପରେ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିବା ପାଇଁ ପ୍ରସ୍ତୁତି ହେଉଥିଲେ। ହେଲେ ରଥ ଉପରେ କୌଣସି ପୂଜାପଣ୍ଡା ଓ ସେବାୟତ ନ ଥିବାରୁ ରଥଟଣା କାର୍ଯ୍ୟ ହୋଇପାରି ନ ଥିଲା। ସେବାୟତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର କୁହନ୍ତି, ଦେବୋତ୍ତର ବିଭାଗ ମନଇଚ୍ଛା ରଥରୁ ଚାରମାଳ ଖୋଲିଦେବାରୁ ଭକ୍ତମାନେ ବର୍ଷକେ ଥରେ ରଥ ଉପରକୁ ଆସି ଠାକୁରଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ବିରୋଧ କରି ଆମେ ରଥ ଛାଡି ତଳେ ବସି ରହିଛୁ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୪।୭।୨୦୧୯ (ରବିବାର)**

■ ବୈଦିକ ପ୍ରଚାର ସମିତିର ଧର୍ମସଭା
**ସ୍ଥାନ :** ପଣ୍ଡିଖାରୀ ନରେନ୍ଦ୍ରପୁର ଶାସନ, ଓଡ଼ଗାଁ, **ସମୟ–** ଅପରାହ୍ନ ୪ଟା

■ ଗ୍ରାମ ବିକାଶ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର
**ସ୍ଥାନ :** ରଘୁନାଥପ୍ରସାଦ, ନୟାଗଡ଼, **ସମୟ–** ପୂର୍ବାହ୍ନ ୧୦ଟା

**୧୫।୭।୨୦୧୯ (ସୋମବାର)**

■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
**ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ଗଣିଆ, **ସମୟ–** ପୂର୍ବାହ୍ନ ୧୧ଟା

■ ୧୨ ଘଣ୍ଟିଆ ଦଶପଲ୍ଲା ବନ୍ଦ ଡାକରା
**ସ୍ଥାନ :** ଦଶପଲ୍ଲା, **ସମୟ–** ସକାଳ ୬ଟାରୁ ସନ୍ଧ୍ୟା ୬ଟା

■ ଶ୍ରୀ ଶ୍ରୀ ଅନ୍ନପୂର୍ଣ୍ଣା ମହାଯଜ୍ଞ
**ସ୍ଥାନ :** ନୀଳକଣ୍ଠେଶ୍ୱର ମନ୍ଦିର, ପଣ୍ଡିଖାରୀ ଶାସନ, ଓଡ଼ଗାଁ **ସମୟ–** ଅପରାହ୍ନ ୫ଟା

**୧୬।୭।୨୦୧୯ (ମଙ୍ଗଳବାର)**

■ ନୟାଗଡ଼ ଚିନିକଳ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ
**ସ୍ଥାନ :** ଜିଲାପାଳଙ୍କ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା

■ ଉପକାରଗାର ସ୍ଥାନାନ୍ତରକୁ ବିରୋଧ କରି ଧାରଣା
**ସ୍ଥାନ:** ଦଶପଲ୍ଲା ଉପକାରାଗାର ସମ୍ମୁଖ, **ସମୟ–** ସକାଳ ୬ଟା

**୧୭।୭।୨୦୧୯ (ବୁଧବାର)**

■ ସିଦ୍ଧେଶ୍ୱର ମହାଦେବଙ୍କ ଉତ୍ତରାୟଣ ଉତ୍ସବ
**ସ୍ଥାନ :** ନନୀଳମାଧବ ମନ୍ଦିର, କଣ୍ଟିଲୋ, **ସମୟ–** ସକାଳ ୬ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ରୁପା ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



ଶ୍ରୀଜୀଉଙ୍କ ରୁପା ବେଶ।

**ରଣପୁର,୧୩।୭ (ସ୍ୱ.ପ୍ର.)**

ପୁରୀ ଶ୍ରୀକ୍ଷେତ୍ର ସହ ରଣପୁର ରଥଯାତ୍ରାର ସାମଞ୍ଜସ୍ୟ ଦେଖିବାକୁ ମିଳେ। ପୁରୀରେ ଶ୍ରଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିଲା ବେଳେ ଏଠାରେ ଠାକୁରମାନେ ରୁପା ବେଶରେ ଦର୍ଶନ ଦେଇଥାନ୍ତି। ଶନିବାର ଆଷାଢ ଶୁକ୍ଳ ଏକାଦଶୀରେ ରଥ ଉପରେ ତିନି ଠାକୁରଙ୍କୁ ରୁପାବେଶରେ ସୁସଜ୍ଜିତ କରାଯାଇଥିଲା। ରଣପୁର ସବ୍‌ଟ୍ରେଜେରିରେ ରଖାଯାଇଥିବା ସମସ୍ତ ରୁପା ଅଳଙ୍କାର ପୂଜା ପଣ୍ଡା ଓ ପଡିହାରୀମାନଙ୍କୁ ଦିଆଯାଇଥିଲା। ସେମାନେ ବିଗ୍ରହମାନଙ୍କ ଶ୍ରୀ ମସ୍ତିଷ୍କରେ କିରୀଟ, କୁଣ୍ଡଳୀ, ହସ୍ତ, ପାଦ, ଶଙ୍ଖ, ଚକ୍ର, ଗଦା ଆଦି ଅଳଙ୍କାର ନେଇ ରଥାରୂଢ ତିନି ଠାକୁରଙ୍କୁ ଭୂଷିତ କରିଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ଠାକୁରଙ୍କ ଏହି ବେଶ ଦେଖିବା ପାଇଁ ପ୍ରାୟ ୮୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥକୁ ଚଢି ଭକ୍ତମାନେ ଦର୍ଶନ କରୁଥିଲା ବେଳେ କାଳିଆ ଠାକୁରଙ୍କୁ ରଥ ତଳୁ ଭକ୍ତମାନେ ଦର୍ଶନ କରିଥିଲେ । ରାତ୍ର ସାଢେ ୧୧ଟା ପର୍ଯ୍ୟନ୍ତ ରୁପା ବେଶରେ ଠାକୁରମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ପରେ ଠାକୁରଙ୍କ ପାଖରେ ସମସ୍ତ ନୀତିକାନ୍ତି କରାଯାଇ ଦର୍ଶନ ବନ୍ଦ କରାଯାଇଥିଲା।

### ଗିରଫ ବ୍ରାଉନସୁଗାର ବେପାରୀଙ୍କୁ ରିମାଣ୍ଡରେ ଆଣିବ ଟାଉନ ପୋଲିସ

**ନୟାଗଡ଼ ଅଫିସ,୧୩।୭**

ନୟାଗଡ଼ ଟାଉନ ପୋଲିସ ଗିରଫ ବ୍ରାଉନସୁଗାର ବେପାରୀ ସୁଧାଂଶୁ ପରିଡ଼ା ଓରଫ ଛୋଟାଙ୍କୁ ରିମାଣ୍ଡରେ ଆଣିବ। ୨୦୧୮ ଅଗଷ୍ଟ ୧୧ରେ ସାଗର ପୋଖରୀ କୂଳରେ ବ୍ରାଉନସୁଗାର ଜବତ ଘଟଣାରେ ଛୋଟାଙ୍କୁ ନୟାଗଡ଼ ପୋଲିସ ଆଣି ପଚରାଉଚରା କରିବ। ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକା ନଗରର ସୁଧାଂଶୁ ଓରଫ ଛୋଟା ବିଭିନ୍ନ ସ୍ଥାନରେ ବ୍ରାଉନସୁଗାର ବେପାର କରିଥାନ୍ତି। କିଛିଦିନ ତଳେ ସେ କୋର୍ଟରେ ଆତ୍ମସମର୍ପଣ ପରେ ଜେଲ୍‌ଯାଇଛନ୍ତି। ଟାଉନ ପୋଲିସ ଛୋଟାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ। ୧୧ ଅଗଷ୍ଟ ୨୦୧୮ରେ ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ବ୍ରାଉନସୁଗାର ଜବତ ହୋଇଥିଲା। ଟାଉନଥାନା ସାଗରପୋଖରୀ କୂଳରେ ଦୁଇଜଣ ଯୁବକଙ୍କ ନିକଟରୁ ୧ ଗ୍ରାମର ବ୍ରାଉନସୁଗାର (୫ଟି ପୁଡ଼ିଆ), ବ୍ରାଉନ ସୁଗାର ରଖି ନିଆଁ ଲଗାଯାଉଥିବା ସ୍ୱତନ୍ତ୍ର ଜରି, ୪୫୨୦ ଟଙ୍କା, ଗୋଟିଏ ମୋବାଇଲ ଓ ଏକ ବାଇକ୍‌କୁ ପୋଲିସ ଜବତ କରିଥିଲା। ଏ ନେଇ ଥାନାରେ ନଂ ୧୨୦/୧୮ରେ ମାମଲା ରୁଜୁ କରାଯାଇ ଦୁଇ ଜଣ ଛାତ୍ରଙ୍କୁ ଗିରଫ କରାଯାଇଥିଲା।

■ ଡାଏଲିସିସ୍ ସମୟରେ ରୋଗୀଙ୍କ ମୃତ୍ୟୁ ଘଟଣା

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ

**ନୟାଗଡ଼ ଅଫିସ,୧୩।୭**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ ସମୟରେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଘଟଣା ସ୍ପଷ୍ଟ ହୋଇ ନ ଥିବା ବେଳେ ଜଣେ ସରପଞ୍ଚ ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବା ପାଇଁ ସେ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୬ ତାରିଖରେ ନୟାଗଡ଼ ଜିଲା ଦଶପଲ୍ଲା ଏନ୍ଏସି ମହୁଲିଆର କିଡ୍‌ନୀ ରୋଗୀ ଗଙ୍ଗାଧର ମିଶ୍ର ଡାଏଲିସିସ୍ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାଏଲିସିସ୍ ଚାଲୁଥିବା ବେଳେ ହଠାତ୍ ବିଦ୍ୟୁତ୍ ଚାଲିଯାଇଥିଲା। ଫଳରେ ଡାଏଲିସିସ୍ ହୋଇପାରି ନ ଥିଲା। ଏହି ସମୟରେ ଗଙ୍ଗାଧରଙ୍କ ମୃତ୍ୟୁ ଘଟିଥିଲା। ବିଦ୍ୟୁତ୍ କଟିଯିବା ଯୋଗୁ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ପ୍ରତିମା ମୌଖିକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଗଙ୍ଗାଧର ଗୁରୁତର ଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ଓ ବିଦ୍ୟୁତ୍ କଟିଯାଇ ଡାଏଲିସିସ୍ ବନ୍ଦ ହେବା ଘଟଣାରେ ରୋଗୀଙ୍କ ମୃତ୍ୟୁ ସହ କୌଣସି ସମ୍ପର୍କ ନ ଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ଘଟଣାରେ ସରପଞ୍ଚ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

# କଣ୍ଟିଲୋ ଜାତୀୟକରଣ ବ୍ୟାଙ୍କରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

**ଖଣ୍ଡପଡା,୧୩।୭(ସ୍ୱ.ପ୍ର.)**

ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଖଣ୍ଡପଡା ବ୍ଲକ କଣ୍ଟିଲୋଠାରେ ଥିବା ଜାତୀୟକରଣ ୟୁକୋ ବ୍ୟାଙ୍କରେ ଆବଶ୍ୟକ କର୍ମଚାରୀ ଓ ଅଧିକାରୀ ନ ଥିବାରୁ ଗ୍ରାହକସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ବ୍ୟାଙ୍କ ଉପରେ କଣ୍ଟିଲୋ, ବାଣପୁର, ପଥରଚକଡା, ସିଧାମୂଳା, ଧାନଚେଙ୍ଗଡା ଓ ବେଣାଗାଡିଆ ଆଦି ୫ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି । ସରକାରଙ୍କ ବିଭିନ୍ନ ଯୋଜନା କ୍ରମେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଏହି ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାର ଆବଶ୍ୟକତା ରହିଛି। ଏହାଛଡା ମାସିକ ପେନସନ୍‌ଧାରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ସରକାରୀ ଯୋଜନାର ଉପଭୋକ୍ତାମାନଙ୍କ ପାସ୍‌ବହିରେ ଜମାହେଉଥିବା ଅର୍ଥ ନେଣଦେଣ ପାଇଁ ଏହି ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବ୍ୟାଙ୍କରେ ୪୦ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ଆକାଉଣ୍ଟ ରହିଛି। ବିଭିନ୍ନ କାର୍ଯ୍ୟ ପାଇଁ ବର୍ଷର ପ୍ରାୟ ସବୁ ସମୟରେ ଏହି ବ୍ୟାଙ୍କରେ ଗ୍ରାହକଙ୍କ ଭିଡ଼ ଜମିଥାଏ । ମାତ୍ର ଏଠାରେ ଆବଶ୍ୟକ ସଂଖ୍ୟକ ଅଧିକାରୀ, କର୍ମଚାରୀ ନ ଥିବାରୁ ସେବା ଯୋଗାଣରେ ସମସ୍ୟା ଉପୁଜୁଛି। ଟଙ୍କା ନେଣଦେଣ ନିମନ୍ତେ ଗ୍ରାହକମାନଙ୍କୁ ଘଣ୍ଟା ଘଣ୍ଟା ଧରି ଛିଡାହେବାକୁ ପଡୁଛି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟା ସମାଧାନ ହେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଶାଖା ପରିଚାଳକ ଅଭିମନ୍ୟୁ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ୨ଜଣ ଷ୍ଟାଫ୍ କମ୍ ଥିବାବେଳେ ପୂର୍ବରୁ ଜଣେ ମହିଳା ଅଫିସର ବଦଳି ହୋଇଯାଇଛି। ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିବାବେଳେ ଏବେ ପୁଣି ଜଣେ ଅଫିସର ବଦଳି ହୋଇ ଯାଇଛନ୍ତି। ଏ ପରିପ୍ରେକ୍ଷୀରେ ସବୁ ଗ୍ରାହକଙ୍କୁ ସେବା ଯୋଗାଇବା ସମ୍ଭବ ହେଉନାହିଁ। ଯଦି ଏଠାରେ ମେଶିନ ବ୍ୟବସ୍ଥା କରାଯାଆନ୍ତା ତେବେ ଗ୍ରାହକ ନିଜ ପାସ୍‌ବହିକୁ ଅପଟୁଡେଟ କରିପାରନ୍ତେ। ଏହାଦ୍ୱାରା ଅନେକାଂଶରେ ସମସ୍ୟାର ସମାଧାନ ହୋଇପାରନ୍ତା।



କଣ୍ଟିଲୋଠାରେ ଥିବା ୟୁକୋ ବ୍ୟାଙ୍କ।

# ନାହିଁ ନାହିଁରେ ଚାଲିଛି ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ

**ନୟାଗଡ଼ ଅଫିସ,୧୩।୭**

ନାହିଁ ନାହିଁରେ ଚାଲିଛି ନୟାଗଡ଼ ଜିଲା ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ । ୩୩ ମଞ୍ଜୁରୀପ୍ରାପ୍ତ ପଦବୀରୁ ୧୦ରେ ଅଧିକାରୀ ଓ କର୍ମଚାରୀ ଥିବା ବେଳେ ୨୩ ପଦବୀ ଖାଲି ପଡ଼ିଛି। ଫଳରେ ଏଠାରେ କିପରି କାମ ହେଉଥିବ ତାହା ସହଜରେ ଅନୁମେୟ। ଅନ୍ୟପକ୍ଷେ ଜିଲା କୃଷି କାର୍ଯ୍ୟାଳୟରୁ କେତେଜଣ କର୍ମଚାରୀ ଡେପୁଟେଶନ୍‌ରେ ଆସି କାର୍ଯ୍ୟ କରୁଥିବାରୁ ଉକ୍ତ କର୍ମଚାରୀମାନେ କାର୍ଯ୍ୟାଳୟର ସାହା ଭରସା ପାଲଟିଛନ୍ତି।

ପ୍ରକାଶ ଯେ, ୨୦୦୮ ମସିହାରେ ଜିଲାରେ ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। କାର୍ଯ୍ୟାଳୟରେ ଜଣେ ଉପକୃଷି ନିର୍ଦ୍ଦେଶକ, ଜଣେ ମୁଖ୍ୟ କିରାଣି, ଜଣେ କନିଷ୍ଠ ଷ୍ଟେନୋ, ଜଣେ କନିଷ୍ଠ ଆକାଉଣ୍ଟାଣ୍ଟ, ୭ ବରିଷ୍ଠ କିରାଣି, ୨ କନିଷ୍ଠ କିରାଣି, ୯ ଓଭରସିୟର, ୪ ପିଅନ, ୫ ୱାଚ୍‌ମ୍ୟାନ, ଜଣେ ଡାପ୍ଟାରି, ଜଣେ ଶ୍ରମିକ ପଦବୀ ଏହିଭଳି ୩୩ ମଞ୍ଜୁରପ୍ରାପ୍ତ ପଦବୀ ରହିଛି। ଏଥିମଧ୍ୟରୁ ଉପକୃଷି ନିର୍ଦ୍ଦେଶକ, ଜଣେ କନିଷ୍ଠ କିରାଣି, ୬ ଜଣ କୃଷି ଓଭରସିୟର, ଜଣେ ୱାଚମ୍ୟାନ ଓ ଜଣେ ଶ୍ରମିକ ଏହଭଳି ୧୦ ଜଣ ଅଛନ୍ତି। ୨୩ ପଦବୀ ଖାଲିପଡ଼ିଛି।



ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ।

**■ ୩୩ରୁ ୨୩ ପଦବୀ ପଡ଼ିଛି ଖାଲି**
**■ ଡେପୁଟେଶନ୍ କର୍ମଚାରୀ ସାହାଭରସା**
**■ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରୁଛନ୍ତି କୃଷକ**

ଭାପୁର , ନୂଆଗାଁ ଓ ଗଣିଆ ବ୍ଲକ ପାଇଁ ଥିବା କୃଷି ଓଭରସିୟର୍ ପଦବୀ ଖାଲି ପଡ଼ିଛି। ଫଳରେ ଅନ୍ୟ ବ୍ଲକ ଦାୟିତ୍ୱରେ ଥିବା କୃଷି ଓଭରସିୟରମାନେ ଏହାକୁ ସମ୍ଭାଳୁଛନ୍ତି। ଡେପୁଟେଶନ୍‌ରେ ଆସିଥିବା କର୍ମଚାରୀମାନେ କିଛିଟା ଦାୟିତ୍ୱ ସମ୍ଭାଳିଛନ୍ତି। ୧୧ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମଞ୍ଜୁରୀପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇପାରୁନାହାନ୍ତି। କର୍ମଚାରୀ ଅଭାବରୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଦେଖିବାକୁ ମିଳୁଛି। ଜିଲା ମୁଖ୍ୟାଳୟରେ ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଥିବାରୁ ଜିଲାର ବିଭିନ୍ନ ବ୍ଲକରୁ ଚାଷୀମାନେ ସେମାନଙ୍କ ଅଭିଯୋଗ ଓ ଯୋଜନା ବିଷୟରେ ସୂଚନା ପାଇଁ ଆସିବା ବେଳକୁ କାର୍ଯ୍ୟାଳୟରେ କାହାର ଦେଖା ମିଳୁନାହିଁ। ପଚାରିଲେ ବାବୁମାନେ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଛନ୍ତି ନ ହେଲେ ଆସିନାହାନ୍ତି ବୋଲି କୁହାଯାଉଛି। ଫଳରେ ଚାଷୀମାନେ ନିରାଶ ହୋଇ ଫେରି ଯାଉଛନ୍ତି। ଫଳରେ କୃଷି ବିଭାଗର ବିଭିନ୍ନ ଯୋଜନାରୁ ଚାଷୀମାନେ ବଞ୍ଚିତ ହେଉଛନ୍ତି। ଏ ନେଇ ଉପକୃଷି ନିର୍ଦ୍ଦେଶକ ଶିଶିର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି, ଖାଲି ପଡ଼ିଥିବା ପଦବୀ ବାବଦରେ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି। କୃଷିମନ୍ତ୍ରୀଙ୍କ ଜିଲାରେ କୃଷି କାର୍ଯ୍ୟାଳୟରେ ବହୁ ପଦବୀ ଖାଲି ପଡ଼ିଥିବାରୁ ମନ୍ତ୍ରୀ ଏ ଦିଗ ପ୍ରତିଧ୍ୟାନ ଦେବା ପାଇଁ ଚାଷୀମହଲରେ ଦାବି ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଜୁଲାଇ, ୨୦୧୯



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ୨ ଘଣ୍ଟା ବର୍ଷାରେ ୧ ନମ୍ବର ୱାର୍ଡ ବେହାଲ



**ନୟାଗଡ଼ ଅଫିସ,୧୩।୭:** ଶନିବାର ଅପରାହ୍ନରେ ନୟାଗଡରେ ୨ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା । ଏହି ବର୍ଷାରେ ନୟାଗଡ଼ ମ୍ୟୁନିସିପାଲିଟିର ୧ ନମ୍ବର ୱାର୍ଡ଼ ବେହାଲ ହୋଇଯାଇଛି। ନୟାଗଡ଼ ପୂର୍ତ୍ତ ବିଭାଗ ଲେନ୍‌ରେ ରହୁଥିବା ଅଧିକାଂଶ ବ୍ୟକ୍ତିଙ୍କ ଘରେ ପାଣି ପଶି ଯାଇଥିବାର ଦେଖିବାକୁ ମିଳିଥିଲା। ଯାହାକୁ ନେଇ ୱାର୍ଡ଼ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏ ଦିଗରେ କୌଣସି ସମାଧାନ କରୁ ନ ଥିବାରୁ ଏହିଭଳି ଅସୁବିଧା ହେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶନିବାର ହୋଇଥିବା ବର୍ଷାରେ ରାମଚନ୍ଦ୍ର ସାହୁ, ଭରତ ସାହୁ, ସେକ୍ ୟୁସୁଫ, ପ୍ରଫୁଲ୍ଲ ମିଶ୍ର, ତପନ କୁମାର ମିଶ୍ର, ରାମଚନ୍ଦ୍ର ସାହୁଙ୍କ ଘରେ ପାଣି ପଶି ଯାଇଥିଲା। ପୂର୍ବରୁ ବର୍ଷା ହେଲେ ପାଣି ଏକ ଘରୋଇ ଜମି ଦେଇ ବହି ଯାଉଥିଲା। ହେଲେ ଚଳିତ ବର୍ଷ ଉକ୍ତ ଜମିର ମାଲିକ ସେଠାରେ ରହିବାରୁ, ପାଣି ଜମି ରହୁଛି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏହାର ସମାଧାନ ନ କରିବାରୁ ୱାର୍ଡ଼ବାସୀମାନେ ଏହିଭଳି ହଇରାଣ ହେଉଛନ୍ତି। ଏହାର ସମାଧାନ ନ ହେଲେ ୱାର୍ଡ଼ବାସୀ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ବାଇକ୍ ଦୁର୍ଘଟଣା: ୨ ମୃତ

**ଦଶପଲ୍ଲା,୧୩।୭(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ନୟାଗଡ ଜିଲା ବାଣୀଗୋଛା ନିକଟସ୍ଥ ଫାଲପାଜୁଠାରେ ଶନିବାର ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ବାଣୀଗୋଛା ପୋଲିସ ଜଣେ ବ୍ୟକ୍ତିଙ୍କ ମନିପର୍ସରୁ ଏକ ଡିଏଲ କାର୍ଡ ପାଇଛି। ସେଥିରେ ତ୍ରିଲୋଚନ ପାତ୍ର, ପିତା ଦୀନବନ୍ଧୁ ପାତ୍ର, ଘର କଳାସିମିଳି, ଗଣିଆ ବୋଲି ଉଲ୍ଲେଖ ରହିଛି। ପ୍ରକାଶ ଯେ, ଏକ ବାଇକ୍‌ରେ ଯାଉଥିବା ୨ଜଣ ଯୁବକ ସନ୍ଧ୍ୟାରେ ଫାଲପାଜୁଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ୨ଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ଉଦ୍ଧାର କରି ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ବନମାଳୀପୁର ମହୋତ୍ସବ ଉଦ୍‌ଘାଟିତ



**ଖଣ୍ଡପଡା,୧୩।୭(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ବନମାଳୀପୁରସ୍ଥିତ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ବନମାଳୀପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବକୁ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସକ ରମେଶ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଘନଶ୍ୟାମ ରଣା, ଦୁର୍ଯ୍ୟୋଧନ ସାହୁ, ଶଙ୍କର୍ଷଣ ଦାସ, ବନମାଳୀପୁର ଗ୍ରାମ ସଭାପତି ହୃଷୀକେଶ ପରିଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉତ୍ସବ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହୋତ୍ସବ କମିଟି ସଭାପତି ଅନ୍ତର୍ଯ୍ୟାମୀ ପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିଲେ। ପୁରାତନ ଲୋକକଳାକୁ ଉଜ୍ଜୀବିତ କରି ରଖିବା ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ଅତିଥିମାନେ ମତ ଦେଇଥିଲେ। ଏ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟନାଟିକା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପରିଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷଙ୍କ ସମେତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟ ନିମ୍ନମାନର

**ନୂଆଗାଁ,୧୩।୭ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନୂଆଗାଁ ବ୍ଲକରେ ହେଉଥିବା ରାସ୍ତାକାର୍ଯ୍ୟ ନିମ୍ନମାନର ଯୋଗୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। କୋରଡା ପଞ୍ଚାୟତ ରକ୍ତପଟାଠାରୁ ମୀନାଗାଡିଆ ଓ କାପ୍ତାପଲ୍ଲୀ ପଞ୍ଚାୟତର କଣବାଙ୍କଠାରୁ କାପ୍ତାପଲ୍ଲୀ ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ଏବେ ସଂପଡାଠାରେ ନିର୍ମାଣ ହେଉଥିବା ରାସ୍ତା କ୍ଷେତ୍ରରେ ମଧ୍ୟ ସମାନ ଅଭିଯୋଗ ହୋଇଛି। କାର୍ଯ୍ୟ ସରିବାର ଚାରିଦିନ ନ ଯାଉଣୁ ରାସ୍ତାରୁ ପିଚୁ ଉଠିଯାଇଥିବା ଦେଖାଯାଇଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁରଠାରୁ ପାରାଡ଼ିପି ପଞ୍ଚାୟତ ଦେଇ ସଂପଡା ଯାଏ ୯ କିଲୋମିଟର ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୩ କୋଟି ୯୧ ଲକ୍ଷ ୭୬ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। କାର୍ଯ୍ୟ କରିବା ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦରଙ୍କୁ କାର୍ଯ୍ୟାଦେଶ ଦିଆଯିବା ସହ ଆର୍‌ଡି ବିଭାଗକୁ ତଦାରଖ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏପରି କି ଥୁଆବାରି ନିକଟରେ ଏକ ପୋଲ ନିର୍ମାଣ କରିବାର ୧୫ଦିନ ପରେ ପୋଲ ମଝିରୁ ଫାଟି ଆଁ କରିଥିବା ଦେଖିବାକୁ ମିଳିଥିଲା ।

ଏ ନେଇ ଅଭିଯୋଗ ହେବାରୁ ଠିକାଦାର ସେଥିରେ ପ୍ୟାଚ ପକାଇ ମାଟି ଘୋଡାଇ ଦେଇଥିଲେ। ସେହିପରି ପାରାଡ଼ିପ ନିକଟରେ ପିଚୁ ପକାଯାଉଥିବା ସମୟରେ ନିମ୍ନମାନର କାମକୁ ଗ୍ରାମବାସୀ ବିରୋଧ କରୁଥିବା ବେଳେ ବିଭାଗୀୟ ଅଧିକାରୀ କାମ ଠିକ୍ ଅଛି ବୋଲି କହିଥିଲେ। ଫଳସ୍ୱରୂପ ୯ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ରାସ୍ତାରେ ମେଟାଲ ଓ ଡଷ୍ଟ ମିଶାଇ ପକାଇବା ସହ କିଛିଦିନ ପରେ ଡଷ୍ଟ ସଫା କରି ସେଥିରେ ପ୍ରାଇମର ପକାଇବା ପରେ ପିଚୁ ମିଶ୍ରିତ ଚିପ୍‌ସ ଓ ପିଚୁ ମିଶ୍ରିତ ବଜୁରି ପକାଇବାର ନିୟମ ଥିବାବେଳେ ତାହା କରାଯାଇ ନାହିଁ। ଯାହା ଫଳରେ ପିଚୁ ଉଠିଯାଉଛି। ସ୍ଥାନୀୟ ଲୋକେ ବିରୋଧ କରୁଥିବାରୁ ଠିକାଦାର ରାତିଅଧିଆ କାର୍ଯ୍ୟ କରୁଥିବା ସଂପଡା ଗ୍ରାମବାସୀ କହିଛନ୍ତି। ଏହାସହ ସେମାନେ ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଆର୍‌ଡି ଏସ୍‌ଡିଓ ନାରାୟଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଥିଲେ, ନିମ୍ନମାନର ହୋଇଥିବା କାର୍ଯ୍ୟରେ ବିଲ୍ ଦିଆଯିବ ନାହିଁ ଏବଂ ପୁନର୍ବାର କାର୍ଯ୍ୟ କରିବା କଥା କହିଛନ୍ତି।



ସଂପଡାଠାରେ ରାସ୍ତାରୁ ପିଚୁ ଉଠିଯାଉଛି।

## ସୁନାବେଶ ଦେଖିଲେ ସହସ୍ରାଧିକ ଶ୍ରଦ୍ଧାଳୁ

**ନୟାଗଡ଼ ଅଫିସ,୧୩।୭**

ନୟାଗଡ଼ ସହରରେ ଶନିବାର ତିନି ରଥରେ ଦାରୁ ବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଣ୍ଣ ଅଳଙ୍କାରରେ ସୁଶୋଭିତ ଏହି ବେଶକୁ ସହସ୍ରାଧିକ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ତିନି ରଥରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଗୋପାଳବଲ୍ଲଭ ସକାଳଧୂପ ଓ ମଧ୍ୟାହ୍ନଧୂପ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ତିନି ଠାକୁରଙ୍କ ସୁନାବେଶ ହୋଇଥିଲା। ଏହା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ।

## ବୋଲଗଡରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

**ବୋଲଗଡ,୧୩।୭(ଡି.ଏନ.ଏ.)**

ବୋଲଗଡ ଠାରେ ଶନିବାର ରଥଉପରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପୂର୍ବ ବେଶ ଦର୍ଶନ ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳଙ୍କର ସମାଗମ ହୋଇଥିଲା। ବୋଲଗଡ ସ୍ଥିତ ଶ୍ରୀତୃତୀୟାଦେବ ଠାକୁରଙ୍କର ରଥଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଆସୁଛି। ରଥଯାତ୍ରା ଆୟୋଜକ କମିଟି ପକ୍ଷରୁ ଏହି ଯାତ୍ରା ପରିଚାଳିତ ହେଉଛି । ସୁନାବେଶ ଅବସରରେ ଶ୍ରୀଜୀଉମାନଙ୍କୁ ସୁନା ଓ ରୁପାରେ ନିର୍ମିତ ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଏହି ଅବସରରେ ଏଠାରେ ଭଜନ ସନ୍ଧ୍ୟା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି ।



ବୋଲଗଡରେ ରଥ ଉପରେ ସୁନାବେଶରେ ମହାପ୍ରଭୁ।



ଓଡ଼ଗାଁ ନିକଟସ୍ଥ କୁରାଳ ଦଧିବାମନ ଜୀଉଙ୍କ ରୁପା ବେଶ।



ଦଶପଲ୍ଲାଠାରେ ରୁପାବେଶରେ ଶ୍ରୀଜଗନ୍ନାଥ।

## ୪ ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

**ଖୋର୍ଦ୍ଧା ଅଫିସ,୧୩।୭**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ଶନିବାର ୪ଟି ବାଇକ୍‌କୁ ଏକ କାର ଧକ୍କା ଦେଇଛି। ଏଥିରେ ପୁରୀ ଜିଲା କୃଷ୍ଣପ୍ରସାଦ ମାଲୁଦ ଗ୍ରାମର ସୁଚରିତା ସାମନ୍ତରାୟ ଆହତ ହୋଇଛନ୍ତି। ଡ୍ରାଇଭର ଗିୟର ଉପରେ କାର ରଖି ପେଟ୍ରୋଲ ପକାଇ ଆସୁଥିବାବେଳେ ନିୟନ୍ତ୍ରଣ କରି ପାରି ନ ଥିଲେ। ଫଳରେ ଗୋଟିଏ ପରେ ଗୋଟିଏ ଏପରି ୪ ବାଇକ୍‌କୁ ଧକ୍କା ଦେଇଥିଲେ। ଏହା ସହ ପେଟ୍ରୋଲ ପମ୍ପର କିଛି ଉପକରଣ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

## ଜାତୀୟ ଲୋକ ଅଦାଲତ: ୪୦୪ ମାମଲା ଫଇସଲା

**ନୟାଗଡ଼ ଅଫିସ,୧୩।୭**

ନୟାଗଡ଼ ଜିଲା ଓ ଦୌରାଜଜ୍ କୋର୍ଟ ପକ୍ଷରୁ ଶନିବାର ଜିଲାରେ ଅବସ୍ଥିତ ବିଚାର ବିଭାଗୀୟ ଅଦାଲତ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ହୋଇଥିବା ଲୋକ ଅଦାଲତରେ ଗାଡ଼ି ଦୁର୍ଘଟଣା, ଫୌଜଦାରି, ଚେକ ବାଉନ୍ସ, ବ୍ୟାଙ୍କ୍ ଋଣ, ବୈବାହିକ, ଜମି ଅଧିଗ୍ରହଣ ମାମଲା ଭଳି ୩୫୮୬ ଗୋଟି ମାମଲା ଆଗତ ହୋଇଥିଲା। ଏଥିମଧ୍ୟରୁ ୪୦୪ ଗୋଟି ମାମଲାର ଫଇସଲା କରାଯାଇ ୧ କୋଟି ୫ ଲକ୍ଷ ୩୧ ହଜାର ୬୪୬ଟଙ୍କା ଜରିମାନା ଆଦାୟ କରାଯାଇ ପୀଡ଼ିତ ପରିବାରଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ଜିଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପରିବାର ଅଦାଲତ ଜଜ୍ ରାଜେଶ ଏକ୍କା, ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରସନ୍ନ କୁମାର ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ କୁମାର ପଣ୍ଡା, ରେଜିଷ୍ଟ୍ରାର ନରୋତ୍ତମ ସେଠୀ, ସବଜଜ୍ ମୁଶାରତ ଜାହିନ, ସଚିବ ରଞ୍ଜୁଲତା ଲେଙ୍କା , କୋର୍ଟ ମ୍ୟାନେଜର ସଂଗ୍ରାମ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୩୦ ଆଞ୍ଚଳିକ ଏବଂ ଘରୋଇ ବ୍ୟାଙ୍କର ଶାଖା ପରିଚାଳକମାନେ ଉପସ୍ଥିତ ରହି ଲୋକ ଅଦାଲତ ପରିଚାଳନାରେ ସହାୟତା କରିଥିଲେ। ସଚିବ ରଞ୍ଜୁଲତା ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଗଣ୍ଡଗୋଳ: ୩ ଆହତ, ୪ ଗିରଫ

**ବୋଲଗଡ,୧୩।୭(ଡି.ଏନ.ଏ.)**

ବୋଲଗଡ ଥାନା ମାଣିକାଗୋଡା ଗ୍ରାମରେ ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଶନିବାର ୪ଜଣଙ୍କୁ ପୋଲିସ ଗିରଫ କରିଛି। ବୋଲଗଡ ଥାନା ସୂତ୍ରରୁ ପ୍ରକାଶ ଯେ, ମାଣିକାଗୋଡା ଗ୍ରାମ କୁମୁଟି ସାହିର ସୁକୁରିଆ ପ୍ରଧାନଙ୍କର ଘର ଛାତକାର୍ଯ୍ୟ ନିର୍ମାଣ ହେଉଥିଲା । ଏହି ସମୟରେ କାର୍ଯ୍ୟକରୁଥିବା ଲୋକେ ଖାଦ୍ୟ ଖାଇ ସାରି ଘର ନିକଟରେ ଥିବା ନଳକୂପ ଠାରେ ଧୁଆଧୋଇ ହେଉଥିଲେ। ତେବେ ନଳକୂପ ଠାରେ ଧୁଆଧୋଇ ନ ହୋଇ ଏଠାରୁ ପାଣି ନେଇ ଅନ୍ୟସ୍ଥାନରେ ଧୁଆଧୋଇ କରିବାକୁ ପଡୋଶୀ ଗୋପୀନାଥ ସ୍ୱାଇଁଙ୍କ ପରିବାର ଲୋକେ କହିଥିଲେ । ଏହି କଥାକୁ ନେଇ ଉଭୟ ପରିବାର ମଧ୍ୟରେ ଯୁକ୍ତି ତର୍କ ହୋଇ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। ଏଥିରେ ମାରପିଟ୍ ହୋଇ ଗୋପୀନାଥ ଓ ତାଙ୍କ ଦୁଇ ଝିଅ ଆହତ ହୋଇଛନ୍ତି। ଏହାକୁ ନେଇ ଗୋପୀନାଥଙ୍କ ପତ୍ନୀ ଅହଲ୍ୟା ବୋଲଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିବା ସହିତ ସୁକୁରିଆଙ୍କ ସମେତ ତାଙ୍କ ପରିବାରର ଆଉ ତିନି ଜଣଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟକୁ ଚାଲାଣ କରିଛି । ଏ ସଂକ୍ରାନ୍ତରେ ପୋଲିସ ନଂ ୭୭/୧୯ରେ ମାମଲା ରୁଜୁ କରିଛି ।

# ଭାବ ଯଥାର୍ଥ ଶବ୍ଦର ରୂପ ନେଲେ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୁଏ

**ନୟାଗଡ଼ ଅଫିସ,୧୩।୭**





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ସେତୁବନ୍ଧ ସାହିତ୍ୟ ଆସର**

ସେତୁବନ୍ଧ ସାହିତ୍ୟ ପତ୍ରିକା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ସାହିତ୍ୟ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଜରାଟ ଶ୍ରୀ ସୋମନାଥ ବିଶ୍ୱବିଦ୍ୟାଳୟର କୁଳପତି ଡ. ଗୋପବନ୍ଧୁ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭାବ ଯଥାର୍ଥ ଶବ୍ଦର ରୂପ ନେଲେ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୁଏ ଏବଂ ଏ ସାହିତ୍ୟ ଯୁଗ ଯୁଗ ଧରି ମାନବ ସମାଜକୁ ଦିଗଦର୍ଶନ ଦେଇଥାଏ ବୋଲି ମୁଖ୍ୟ ଅତିଥି ଡ. ମିଶ୍ର ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥିଭାବେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ, ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସେତୁବନ୍ଧର ସମ୍ପାଦିକା ଉଷାମଣୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡ. ମିଶ୍ରଙ୍କୁ ସେତୁବନ୍ଧ ଓ ଜିଲା ସଂସ୍କୃତ ଅଧ୍ୟାପକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସାହିତ୍ୟିକା ବସରିନ୍ ବିବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ କବିମାନେ ସେମାନଙ୍କ କବିତା ପାଠ କରିଥିଲେ। ସମୀକ୍ଷକଭାବେ ବ୍ୟଙ୍ଗକବି ଆର୍ତ୍ତତ୍ରାଣ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ କେତେକ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଶ୍ରୀ ଦେବୀ ଓ ହରପ୍ରିୟା ଦ୍ୱିବେଦୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## କୁନି ପିଲାଙ୍କ ଦ୍ୱାରା ବୃକ୍ଷରୋପଣ

**ଭାପୁର,୧୩।୭(ଡି.ଏନ.ଏ.)**

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଏକାନ୍ତ ଅପରିହାର୍ଯ୍ୟ। ଏହି ବାର୍ତ୍ତା ଦେଇଛନ୍ତି ଭାପୁର ବ୍ଲକର କୁନିକୁନି ଛାତ୍ରୀଛାତ୍ରମାନେ। ଭାପୁର ବଜାରରେ ସ୍ଥାପିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ଓ ନିକଟସ୍ଥ ପଡ଼ିଆରେ ଶତାଧିକ ବୃକ୍ଷରୋପଣ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଅପର୍ତ୍ତି ସାହୁ ଓ ପ୍ରତିଷ୍ଠାତା ମନୋଜ କିଶୋର ସାହୁଙ୍କ ନେତୃତ୍ୱରେ ବୃକ୍ଷରୋପଣ କରାଯାଇଛି। ଆମ୍ବ, ଶାଗୁଆନ, ନିମ୍ବ, ଆକାଶିଆ, ପଟାସ ଓ ଅଁଳା ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ଜିଲା ବନଖଣ୍ଡ ଡିଏଫ୍‌ଓ ଧନରାଜ ହନୁମନ୍ତ,ଫତେଗଡ଼ ଥାନା ଆଇଆଇସି ନିରଞ୍ଜନ ଧିର, ଖଣ୍ଡପଡ଼ା ଫରେଷ୍ଟର ଶ୍ରୀନିବାସ ଦାସ, ଗାର୍ଡ ରଶ୍ମିତା ସେଠୀ, ପତ୍ରକାର ରମେଶ ଚନ୍ଦ୍ର ବରାଡ଼, ଶିକ୍ଷାବିତ୍ ନାରାୟଣ ତ୍ରିପାଠୀ, ଯୋଗୀନାଥ ପଟ୍ଟନାୟକ, ମାନଗୋବିନ୍ଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କୁନି ପିଲାଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

# ସ୍ତ୍ରୀ ମୁଣ୍ଡରେ ରୋଗଣା ସ୍ୱାମୀର ବୋଝ

**ଗଣିଆ,୧୩।୭(ଡି.ଏନ.ଏ.)**

**ଚିକିତ୍ସାରେ ଅର୍ଥ ସାଜିଛି ବାଧକ**



ଘର ବାରଣ୍ଡାରେ ରୋଗାକ୍ରାନ୍ତ ଜୟଦେବ।

ଆର୍ଥିକ ଅନଗ୍ରସର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହା ସତ୍ତ୍ୱେ ଗ୍ରାମାଞ୍ଚଳର ଅନେକ ଗରିବ ଶ୍ରେଣୀର ଲୋକ ଏହାର ସୁବିଧା ନ ପାଇ ରୋଗଶଯ୍ୟାରେ ଶଢୁଥିବା ଦେଖିବାକୁ ମିଳୁଛି । ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଛାଡମୂଳ ଗ୍ରାମର ଜୟଦେବ ବେହେରା (୪୬) ୩ ବର୍ଷ ହେଲା ରୋଗ ଯନ୍ତ୍ରଣାରେ ପେଷି ହେଉଛନ୍ତି। ଚିକିତ୍ସା ନିମିତ୍ତ ସେ ତାଙ୍କର ସମସ୍ତ ସ୍ଥାବର ସମ୍ପତ୍ତି ବିକ୍ରି କରିସାରିଲେଣି । ଗାଁ ସାଉକାରଙ୍କଠାରୁ ଆରମ୍ଭ କରି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କଠାରୁ ଟଙ୍କା ଆଣିଥିବାରୁ ଋଣଭାର ମଧ୍ୟ ବଢିବାରେ ଲାଗିଛି। ଏପରିସ୍ଥଳେ ସ୍ୱାମୀ ଓ ସ୍ତ୍ରୀଙ୍କୁ ଦୁଇବେଳା ଦୁଇମୁଠା ଖାଦ୍ୟ ଯୋଗାଡ କରିବା କଷ୍ଟକର ହୋଇପଡିଛି। ତାଙ୍କ କହିବା ଅନୁଯାୟୀ, ୩ବର୍ଷ ତଳେ ଅମୃତଭଣ୍ଡା ତୋଳୁଥିବାବେଳେ ଅମୃତଭଣ୍ଡାଟି ତାଙ୍କ ଛାତି ଉପରେ ପଡିଥିଲା। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିଥିଲେ ମଧ୍ୟ ଯନ୍ତ୍ରଣାରୁ ଉପଶମ ମିଳି ନ ଥିଲା। ଏହା ପରେ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କ ଛାତିରେ ରକ୍ତ ଜମାଟ ହୋଇଥିବା ଡାକ୍ତର କହିଥିଲେ । ସମ୍ପୃକ୍ତ ଡାକ୍ତର ତାଙ୍କୁ ୩ମାସ ପର୍ଯ୍ୟନ୍ତ ଔଷଧ କିଣି ଖାଇବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ୩ମାସ ପରେ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର କରିବାକୁ ପଡିପାରେ ବୋଲି କହିଥିଲେ। ତେବେ ଗୋଟିଏ ବଟିକାର ଦାମ ୮ଶହ ଟଙ୍କା ହୋଇଥିବାରୁ ତାଙ୍କୁ ୩ମାସ ପାଇଁ ୭୨ହଜାର ଟଙ୍କା ଦରକାର ହେଉଥିବା ଜୟଦେବ କହିଛନ୍ତି। ଜୟଦେବଙ୍କ ପୁଅଝିଅ ନ ଥିବାବେଳେ ରୋଗାକ୍ରାନ୍ତ ହେବା ଦିନଠାରୁ ସ୍ତ୍ରୀ ଉତ୍ତମ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ମହିଳା ହେତୁ ଉତ୍ତମଙ୍କୁ ସବୁବେଳେ କାମ ମିଳିପାରୁନାହିଁ । ଫଳରେ ସ୍ୱଳ୍ପ ରୋଜଗାରରେ ସ୍ୱାମୀଙ୍କ ଚିକିତ୍ସା ଓ ପରିବାର ପ୍ରତିପୋଷଣ ତାଙ୍କ ପାଇଁ ବୋଝ ପାଲଟିଛି । ଏ ସମ୍ପର୍କରେ ସେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସହାୟତା ମିଳିପାରିନାହିଁ । ତେବେ ଜୟଦେବଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।